

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୩୨ ଭୁବନେଶ୍ୱର ଶୁକ୍ରବାର, ଜାନୁୟାରୀ ୨୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.132 Bhubaneswar, Friday, January 24, 2025


# କଟକ ସାରା ବିଶ୍ୱରେ ଗର୍ବିତ

## 'ନେତାଜୀଙ୍କ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ଦେଶ ନିର୍ମାଣ ଉଦ୍ଦେଶ୍ୟରେ ବଢ଼ିବାକୁ ହେବ'







କଟକ, ୨୩/ ୧ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜ ମାତୃଭୂମି ପାଇଁ ଉଚ୍ଚ ପଦପଦବୀକୁ ତ୍ୟାଗ କରି ଜନ୍ମମାଟିର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଅଦମ୍ୟ ସାହସରେ ସାମରିକ ଉପାୟରେ ବ୍ରିଟିଶ ସାମ୍ରାଜ୍ୟକୁ ନଷ୍ଟ କରିବା ପାଇଁ ସେ ଜାପାନ ସମର୍ଥନରେ ସିଙ୍ଗାପୁରଠାରେ ନିର୍ବାସିତ ଭାରତୀୟ ଜାତୀୟତାବାଦୀଙ୍କ ଦ୍ୱାରା ଏକ ଅସ୍ଥାୟୀ ଭାରତୀୟ ସରକାର ଗଠନ କରିଥିଲେ। ଏହାର ନାମ ରଖିଥିଲେ 'ଆଜାଦ୍ ହିନ୍ଦ୍ ଫୌଜ' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନେତାଜୀ ଜୟନ୍ତୀ ଅବସରରେ କଟକରେ ଆୟୋଜିତ 'ପରାକ୍ରମ ଉତ୍ସବ'ରେ ଯୋଗଦେଇ ଗୁରୁବାର ଶ୍ରୀ ମାଝୀ କହିଛନ୍ତି ୧୯୪୩ ମସିହା ଡିସେମ୍ବରରେ ଜାପାନ ସହାୟତାରେ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଆଜାଦ୍ ହିନ୍ଦ ଫୌଜର ପ୍ରଥମ ସରକାର ପ୍ରତିଷ୍ଠା କରିଥିଲେ। ଏହାକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ ମସିହା ଡିସେମ୍ବର ୩୦ ତାରିଖ ଦିନ ସେଠାରେ ଥିବା ୩ ଗୋଟି ଦ୍ୱୀପ ଯେପରିକି ରସ୍ ଦ୍ୱୀପକୁ ନେତାଜୀ ସୁବାସ ବୋଷ ଦ୍ୱୀପ, ନିଲ୍ ଦ୍ୱୀପକୁ ସହିଦ ଦ୍ୱୀପ ଏବଂ ହାଭେଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମକରଣ କରିଛନ୍ତି। ନେତାଜୀଙ୍କ ଜୀବନାଦର୍ଶ, ପରାକାଷ୍ଠା ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ଦୃଷ୍ଟିକୋଣ ଇତ୍ୟାଦିକୁ ବିଚାରକୁ ନେଇ ବିଶେଷକରି ଆମ ଯୁବଶକ୍ତିକୁ ଏକ ସମୃଦ୍ଧ ଦେଶ ନିର୍ମାଣ ପାଇଁ ଆଗକୁ ବଢିବାକୁ ପଡ଼ିବ। ଯାହାକି 'ବିକଶିତ ଭାରତ' ନିର୍ମାଣ ସହ ବିଶ୍ୱ ଦରବାରରେ ଭାରତର ଶକ୍ତି, ସାମର୍ଥ୍ୟ ଏବଂ ପରାକାଷ୍ଠାକୁ ସୁଦୃଢ କରିବାରେ ସହାୟକ ହେବ। ଯାହାକି ହେବ ନେତାଜୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କଳ ମାଟିର ବରପୁତ୍ରଙ୍କ ଶୌର୍ଯ୍ୟ, ତ୍ୟାଗ ଏବଂ ସାମର୍ଥ୍ୟକୁ ସମ୍ମାନ ଜଣାଇ ତାଙ୍କର ଜନ୍ମ ସହର କଟକରେ ତାଙ୍କର ଜୟନ୍ତୀ ପାଳନ କରିବା ଆମ ପାଇଁ ଏକ ସୌଭାଗ୍ୟର ଅବସର। ଏଥିପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦିବସଟି ପ୍ରତ୍ୟେକ ଭାରତୀୟ ବିଶେଷ କରି ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ। ଏହି ଦିନରେ ହିଁ ବିପ୍ଳବୀ ଜନନାୟକ, ମହାନ ଦେଶଭକ୍ତ, ନିର୍ଭୀକ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକରେ ଜନ୍ମ ଗ୍ରହଣ କରିଥିଲେ। ଆଜି ତାଙ୍କ ଜନ୍ମ ସହର ଭାବେ କଟକ ସାରା ବିଶ୍ୱରେ ଗର୍ବିତ। ଏଭଳି ଜଣେ ଜନନାୟକଙ୍କ ଜନ୍ମଦିବସକୁ 'ପରାକ୍ରମ ଦିବସ' ଭାବେ ପାଳନ କରିବା ପାଇଁ ଜାନୁଆରି ୧୯, ୨୦୨୧ ମସିହାରେ ନିଷ୍ପତ୍ତି ନେଇଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ। ଆଇ.ଏନ୍.ଏ ଟ୍ରଷ୍ଟର ଅଧ୍ୟକ୍ଷ ବ୍ରିଗେଡିଅର ଆର.ଏସ୍ ଚିକାରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କଟକରେ ପହଞ୍ଚିବା ପରେ ପ୍ରଥମେ ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମସ୍ଥଳୀକୁ ଯାଇ ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ ।

## ଚେତାବନୀ ଦେଲେ ବାଚସ୍ପତି



ଭୁବନେଶ୍ୱର, ୨୩/ ୧ : ବିଧାନସଭାର ବଜେଟ୍ ଅଧିବେଶନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଅଧିବେଶନ ସମୟରେ ଗୃହରେ ବିଶୃଙ୍ଖଳା ପ୍ରଦର୍ଶନ କରୁଥିବା ବିରୋଧୀ ବିଧାୟକମାନଙ୍କୁ ଚେତାବନୀ ଦେଇଛନ୍ତି। ବିରୋଧୀ ସଦସ୍ୟଙ୍କ ଗଠନମୂଳକ ପରାମର୍ଶକୁ ସ୍ୱାଗତ କରାଯିବ ବୋଲି ଶ୍ରୀମତୀ ପାଢ଼ୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ତେବେ ବାଧା ବିଘ୍ନ ବା ବାଧାକୁ ବରଦାସ୍ତ କରାଯିବ ନାହିଁ ବୋଲି ନିକଟରେ ପାଟନାଠାରେ ଆୟୋଜିତ ୮୫ତମ ସର୍ବଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀରେ ଯୋଗ ଦେଇଥିବା ବାଚସ୍ପତି କହିଛନ୍ତି। ଅଧିବେଶନ ସମୟରେ ବିରୋଧୀ ଦଳମାନେ ଗଠନମୂଳକ ଭୂମିକା ଗ୍ରହଣ କରିବା ସହ ପରାମର୍ଶ ଦେବା ଉଚିତ ବୋଲି ସେ କହିଛନ୍ତି। ତେବେ ଗୃହରେ କୌଣସି ହଙ୍ଗାମା କିମ୍ବା ବାଧା ସୃଷ୍ଟି କୁ ବରଦାସ୍ତ କରାଯିବ ନାହିଁ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଫେବ୍ରୁଆରି ୧୩ରୁ ଆରମ୍ଭ ହୋଇ ଏପ୍ରିଲ ୫ ରେ ଶେଷ ହେବ। ଅଧିବେଶନ ଆରମ୍ଭ ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ କରିବେ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଫେବ୍ରୁଆରି ୨୦ ଓ ୨୧ତାରିଖରେ ବଜେଟର ସାଧାରଣ ଆଲୋଚନା ହେବାକୁ ଥିବା ବେଳେ ଅନୁଦାନ ଦାବି ଉପରେ ଆଲୋଚନା ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ସମ୍ବନ୍ଧୀୟ ସ୍ଥାୟୀ କମିଟିର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ।

## ରାସନ କାର୍ଡ ଫେରାଇବାକୁ ନିବେଦନ କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୩/ ୧ : ଜାନୁଆରୀ ୩୧ରେ ଇ କେଓ୍ୱାଇସି ଶେଷ ହେବ। ତା ପୂର୍ବରୁ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ସରେଣ୍ଡର କରିବାକୁ ପୁଣି ଥରେ ନିବେଦନ କଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ବୋଧେ ଭୟରେ ଇ କେଓ୍ୱାଇସି ପାଇଁ ଆସୁ ନାହାନ୍ତି, ଖୁବ ଶୀଘ୍ର ସରେଣ୍ଡର କଲେ ଭଲ। ପ୍ରତି ବ୍ଲକରେ ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି। ଯେଉଁମାନେ ସରକାରୀ ଚାକିରି କରି ହାତେଇଛନ୍ତି ରାସନ କାର୍ଡ, ସେମାନେ ଶୀଘ୍ର ସରେଣ୍ଡର କଲେ ଭଲ। ସାରା ରାଜ୍ୟରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀ ଅଛନ୍ତି। ଇ-କେଓ୍ୱାଇସି ଜରିଆରେ ଏହା ସ୍ପଷ୍ଟ ହୋଇଛି। ଉକ୍ତ ଅଯୋଗ୍ୟ ହିତାଧିକାରୀମାନେ ଇ-କେଓ୍ୱାଇସି କରିବା ଆସୁ ନାହାଁନ୍ତି। ସେଥିରେ ଶିକ୍ଷକ, ଡାକ୍ତର, ଅଧ୍ୟାପକ ମଧ୍ୟ ରହିଛନ୍ତି। ସୁଚନା ଅନୁଯାୟୀ ଗରିବଙ୍କ ରାସନକାର୍ଡକୁ କବଜା କରି ବସିଥିବା ବଡ଼ ବଡ଼ିଆ ସରକାରୀ ଅଧିକାରୀଙ୍କୁ ପୁଣି ଥରେ ଚେତାବନୀ ଦେଇଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅଯୋଗ୍ୟ ହିତାଧିକାରୀଙ୍କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି ମନ୍ତ୍ରୀ । ଯଦି ସରକାରଙ୍କୁ କାର୍ଡ ନ ଫେରାନ୍ତି, ତାହା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରୋକ୍ ଠୋକ୍ ଶୁଣାଇଥିଲେ। ମନ୍ତ୍ରୀ କହିଥିଲେ ଯେ ସାରା ରାଜ୍ୟରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀ ଅଛନ୍ତି। ଇ-କେଓ୍ୱାଇସି ଜରିଆରେ ଏହା ସ୍ପଷ୍ଟ ହୋଇଛି। ଉକ୍ତ ଅଯୋଗ୍ୟ ହିତାଧିକାରୀମାନେ ଇ-କେଓ୍ୱାଇସି କରିବା ଆସୁ ନାହାଁନ୍ତି। ସେଥିରେ ଶିକ୍ଷକ, ଡାକ୍ତର, ଅଧ୍ୟାପକ ମଧ୍ୟ ରହିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ, ପୂର୍ବରୁ ମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରାୟ ୪ଲକ୍ଷ ଆୟକରଦାତା ରାସନ କାର୍ଡ ନେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଓଏଏସ ଅଫିସ, ଡାକ୍ତର ଓ ଅଧ୍ୟାପକ ମଧ୍ୟ ରାସନ କାର୍ଡ ହାତେଇଛନ୍ତି । ଇ-କେଓ୍ୱାଇସି ଯାଞ୍ଚରୁ ସାମ୍ନାକୁ ଆସିଛି ଏଭଳି ଚାଞ୍ଚଲ୍ୟକର ତଥ୍ୟ । ଯଥାଶୀଘ୍ର କାର୍ଡ ଫେରସ୍ତ ନକଲେ ଫାଇନ୍ ଲଗାଇବାକୁ ତାଗିଦ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯେଉଁଦିନଠାରୁ ରାସନକାର୍ଡ ନେଇଥିବେ ସେହିଦିନଠାରୁ ଫାଇନ୍ କରି ଆଦାୟ କରାଯିବ ଏବଂ ହିସାବ କରି ସବୁ କାର୍ଡକୁ ରିକଭର କରାଯିବ ବୋଲି ମନ୍ତ୍ରୀ କହିଥିଲେ । ପୂର୍ବ ସୁଚନା ଅନୁଯାୟୀ ରାସନ କାର୍ଡର ଇ-କେଓ୍ୱାଇସି ଯାଞ୍ଚ ଚାଲିଥିବାବେଳେ, କାହାର କଟିବ, କାହାର ରହିବ ସେ ନେଇ ଦ୍ୱନ୍ଦ୍ୱରେ ରହିଥିଲେ ହିତାଧିକାରୀ । ଆଉ ଏତିକିବେଳେ ବଡ ସୂଚନା ଦେଇଥିଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯେଉଁମାନେ ରାସନ କାର୍ଡ ପାଇବା ପାଇଁ ଯୋଗ୍ୟ ନୁହଁନ୍ତି, ସେମାନଙ୍କୁ ରାସନ କାର୍ଡ ମିଳିଛି । ବର୍ଷ ବର୍ଷ ଧରି ସେମାନେ କାର୍ଡରେ ମାଗଣା ରାସନ ସାମଗ୍ରୀ ଉଠାଇ ଚାଲିଛନ୍ତି । ବଡ କଥା ହେଉଛି, ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ବାଙ୍ଗଲାଦେଶୀ ଓ ରୋହିଙ୍ଗ୍ୟା ଥିବା ଜଣାପଡ଼ିଥିଲା । ଆଉ ତାପରେ ଆକ୍ସନ ମୋଡରେ ଯୋଗାଣ ବିଭାଗ ରହିଥିଲା । ଏଭଳି କେତେ ବିଦେଶୀ ଓଡ଼ିଶାରେ ରାସନ କାର୍ଡ ପାଇଛନ୍ତି, ତଦନ୍ତ କରି ସେମାନଙ୍କ ତାଲିକା ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଯୋଗାଣ ମନ୍ତ୍ରୀ । ବିଧାନସଭାର ତଥ୍ୟ ଅନୁସାରେ ଓଡ଼ିଶାରେ ୧ଲକ୍ଷ ୫୭ ହଜାରରୁ ଅଧିକ ବାଙ୍ଗଲାଦେଶୀ ରହୁଥିବା ପୂର୍ବ ସୂଚନା ଅନୁଯାୟୀ ତଥ୍ୟ ରହିଥିଲା ଏଥିସହ ଏବେ ବିଭିନ୍ନ ସରକାରୀ ଚାକିରିଆ ଥିବା ଏବେ ଜଣାପଡ଼ିଛି।



## ନବ ଦାସ ହତ୍ୟା ମାମଲାରେ ନିଷ୍ପତ୍ତି ଖୁବ ଶୀଘ୍ର : ମନ୍ତ୍ରୀ



ଭୁବନେଶ୍ୱର, ୨୩/ ୧ : ବହୁ ଚର୍ଚ୍ଚିତ ନବ ଦାସ ହତ୍ୟା ଘଟଣାରେ ନିଶ୍ପତ୍ତି ଖୁବଶୀଘ୍ର ନିଆଯିବ କହିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଘଟଣାର ତଦନ୍ତ ପ୍ରକ୍ରିୟା କଣ ହେବ ସରକାର ନିଷ୍ପତ୍ତି ନେବେ କହିଲେ ମନ୍ତ୍ରୀ । ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି । ପୂର୍ବ୍ବ ସରକାରରେ ଭୟର ବାତାବରଣ ଥିବାରୁ ଲୋକେ ମୁହଁ ଖୋଲୁ ନଥିଲେ । ଏପରିକି ନବୀନଙ୍କ ପରିବାର ଲୋକେ ମୁହଁ ଖୋଲିବାକୁ ସାହସ କରୁନଥିଲେ । ସେ ଭୟ ବର୍ତ୍ତମାନ ଦୂର ହୋଇଛି । ତେଣୁ ଅନେକ ତଥ୍ୟ ସାମ୍ନାକୁ ଆସିଛି । ଆଉ ସେହି ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ । ହତ୍ୟାକାଣ୍ଡ କାହିଁକି ହେଲା , କିଏ କଲା, ଷଡଯନ୍ତ୍ରରେ କିଏ ଭାଗୀଦାର ଜଣାପଡିବ କହିଛନ୍ତି ମନ୍ତ୍ରୀ ।

# ଇ-କେଓ୍ୱାଇସି ଖୋଲୁଛି ରାସନ କେଲେଙ୍କାରୀ ଗୁମର

କଟକ, ୨୩/ ୧ : କାହାର ସ୍ୱାମୀ ତ କାହାର ପୁଅ, ଝିଅ ସରକାରୀ ଚାକିରିଆ। କିନ୍ତୁ ସେମାନଙ୍କ ନାଁରେ ଆସୁଛି ରାସନ୍। ଡାକ୍ତର, ଅଧ୍ୟାପକ, ପୁଲିସ ସବ୍‌ଇନ୍ସପେକ୍ଟର, ଟ୍ରାଫିକ୍ ପୁଲିସ, ଅଡିଟର, ଶିକ୍ଷକ, ରାଜସ୍ୱ ନିରୀକ୍ଷକ, କନିଷ୍ଠ କିରାଣିଙ୍କ ନାମରେ ପ୍ରତିମାସରେ ରାସନ୍ ଉଠୁଛି। ହ୍ୟୁମାନ୍ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏଚ୍‌ଆରଏମ୍‌ଏସ୍)ରୁ ଏଭଳି ତଥ୍ୟ ସାମନାକୁ ଆସିଛି। କଟକରେ ଏଭଳି ୧୦ ହଜାର ୭ଶହ ପରିବାରର ସଦସ୍ୟ ବେଆଇନ ଭାବେ ରାସନ ପାଉଥିବା ବେଳେ ସେମାନେ ଏବେ ତାଲିକାରୁ ବାଦ୍ ପଡ଼ିବାକୁ ଯାଉଛନ୍ତି। ଯେଉଁ ସରକାରୀ କର୍ମଚାରୀ ରାସନ୍ ଉଠାଉଛନ୍ତି, ତାର ତାଲିକା ବ୍ଲକ୍ ଅନୁସାରେ ସବୁ ବିଡିଓ ଓ ବ୍ଲକ୍ ଯୋଗାଣ ଅଧିକାରୀଙ୍କୁ ପଠାଯାଇଛି। ତାଲିକାରେ ରାସନ୍ କରାର୍ଡଧାରୀଙ୍କ ନାମ, ସେମାନଙ୍କର କିଏ କେଉଁ ବିଭାଗରେ ଓ କେଉଁ ପଦବିରେ ଚାକିରି କରୁଛନ୍ତି, ରାସନ୍ କାର୍ଡଧାରୀଙ୍କ ସହ ସେମାନଙ୍କ ସଂପର୍କ ଅର୍ଥାତ୍ ପୁଅ, ଝିଅ, ସ୍ୱାମୀ ନା ନିଜେ କାର୍ଡଧାରୀ ସେସବୁର ତଥ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦିଆଯିବା ପରେ ଏହାର ତାଲିକା ପ୍ରତି ବ୍ଲକ୍‌କୁ ପଠାଯାଇଛି। କୁହାଯାଇଛି ତାଲିକା ଅନୁସାରେ ତଦନ୍ତ କରି ତାର ରିପୋର୍ଟ ଓ କେବେଠାରୁ ସରକାରୀ ଚାକିରିରେ ଅଛନ୍ତି ତାର ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ତାଲିକା ପ୍ରତି ବ୍ଲକ୍‌କୁ ଯିବାପରେ ଏବେ ଗ୍ରାମାଞ୍ଚଳରେ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଅନ୍ୟପଟେ ଏଭଳି ବେଆଇନ ଭାବେ କାର୍ଡ ହାତେଇଥିବା ବ୍ୟକ୍ତିଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ଏଯାଏଁ ସରକାରୀ ଭାବେ ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ସରକାରୀ ଚାକିରି କରି ରାସନ୍ କାର୍ଡରେ ରାସନ୍ ଉଠାଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କଠାରୁ ଅର୍ଥ ଭରଣା କରାଯିବ ବୋଲି କୁହାଯାଉଛି। ଅନ୍ୟପଟେ ଅନେକ ପରିବାରରେ ରାସନ୍‌କାର୍ଡ ଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କର ପୁଅ, ଝିଅ ବା ସଦସ୍ୟ ସରକାରୀ ଚାକିରି କରିଛନ୍ତି। କିନ୍ତୁ ଚାକିରି ପରେ ସେହି ନାମଗୁଡ଼ିକ ତାଲିକାରୁ ନିଜେ ପରିବାର ସଦସ୍ୟ କାଟିଦେବା କଥା। କିନ୍ତୁ ସେଗୁଡିକ ବର୍ଷ ବର୍ଷ ହେଲା କଟାନଯାଇ ରାସନ୍ ଉଠାଯାଉଥିଲା। ଏଚ୍‌ଆରଏମ୍‌ଏସ୍‌କୁ ଭିତ୍ତିକରି ଏହି ତାଲିକା ପ୍ରସ୍ତୁତ କରାଯାଇଥିବାବେଳେ ତାଲିକା ତ୍ରୁଟିଶୂନ୍ୟ ରହିଥିବା ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ କଟକ ଜିଲ୍ଲାରେ ଏବେ ବି ପାଖାପାଖି ୨ଲକ୍ଷ ହିତାଧିକାରୀ ରାସନ୍‌ପାଇଁ ଇ-କେଓ୍ୱାଇସି ଦେଇନଥିବା ଜଣାପଡ଼ିଛି। କଟକ ଜିଲ୍ଲାର ସମସ୍ତ ୧୪ଟି ବ୍ଲକ୍, ମହାନଗରନିଗମ କର୍ତ୍ତୃପକ୍ଷଙ୍କୁ ତାଲିକା ପ୍ରଦାନ କରାଯାଇଛି। ଏ ସଂପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟକ ଜିଲ୍ଲାରେ ୧୦ହଜାର ୭ଶହ ରାସନ୍‌କାର୍ଡଧାରୀଙ୍କ ପରିବାର ସଦସ୍ୟ ସରକାରୀ ଚାକିରି କରୁଥିବା ଜଣାପଡିଛି। କିନ୍ତୁ ବର୍ଷ ବର୍ଷ ଧରି ଏଭଳି ବେଆଇନ ଭାବେ ରାସନ ସାମଗ୍ରୀ ଉଠୁଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ କିଭଳି ତାହା ଜାଣି ପାରୁ ନଥିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଇ-କେଓ୍ୱାଇସି ହେବା ପରେ ରାସନକାର୍ଡ କେଲେଙ୍କାରୀ ସାମନାକୁ ଆସିଛି। ଯାଜପୁର ଜିଲ୍ଲାରେ ୫ ହଜାର ଅଯୋଗ୍ୟ ହିତାଧିକାରୀ ରାସନ ନେଉଥିବା ଜଣାପଡ଼ିଛି। ଏହି ତାଲିକାରେ ସରକାରୀ ଚାକିରିଆ, ପୁଲିସ ଓ ଯନ୍ତ୍ରୀଙ୍କ ନାମ ରହିଛି। ଗରିବଙ୍କ ପାଇଁ ଥିବା ଏହି ଯୋଜନାକୁ ଅଯୋଗ୍ୟ ହିତାଧିକାରୀ ଲୁଟି ନେଉଛନ୍ତି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ବର୍ତ୍ତମାନ ୫୫୩୨ ଜଣ ଅଯୋଗ୍ୟ ହିତାଧିକାରୀ (ସରକାରୀ କର୍ମଚାରୀ)ଙ୍କ ପରିବାର ରାସନ ନେଉଥିବା ଜଣାପଡ଼ିଛି। ଏହି ଅଯୋଗ୍ୟ ହିତାଧିକାରୀଙ୍କ ପରିବାରରୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସରକାରଙ୍କଠାରୁ ଦରମା ନେଉଛନ୍ତି। ତେବେ ଏଥିରେ ଅଧ୍ୟାପକ, ଡାକ୍ତର, ମେଡିକାଲ ଅଫିସର, ନର୍ସିଂ ଅଫିସର, ପିଇଓ, ସ୍କୁଲ ଶିକ୍ଷକ, ସେନା ଓ ପୁଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ପରିବାର ଚିହ୍ନଟ ହୋଇଛନ୍ତି। ତଥ୍ୟ ଅନୁସାରେ ବଡ଼ଚଣା ବ୍ଲକ୍‌ରେ ୫୨୫ଜଣ, ବିଂଝାରପୁରରେ ୪୭୧, ବରୀରେ ୫୨୧, ଦଶରଥପୁରର ୫୬୫, ଯାଜପୁର ୫୦୩, ଦାନଗଦୀରେ ୪୧୭, ଧର୍ମଶାଳାରେ ୬୭୨, ଯାଜପୁର ପୌରପାଳିକାରେ ୧୫୯, କୋରେଇରେ ୩୮୨, ରସୁଲପୁରରେ ୬୬୭, ସୁକିନ୍ଦାରେ ୫୮୧, ବ୍ୟାସନଗର ପୌରପାଳିକାରେ ୫୯ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ତେବେ ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଜିଲ୍ଲାରେ ୭୮୭ ଡିଲରଙ୍କ ଅଧୀନରେ ୧୫ଲକ୍ଷ ୩୧ ହଜାର ୪୭୧ ହିତାଧିକାରୀ ରାସନ ନେଉଛନ୍ତି। ଆଜି ସୁଦ୍ଧା ୧୩ଲକ୍ଷ ୫୫ହଜାର ୫୩୨ ଜଣ ଇ-କେଓ୍ୱାଇସି କରିଛନ୍ତି। ଏହି ହାର ୮୯ ପ୍ରତିଶତ ରହିଛି। ଜିଲ୍ଲାରେ ଏଯାଏଁ ୧ଲକ୍ଷ ୭୫ ହଜାର ୯୩୯ ହିତାଧିକାରୀ ଇ-କେଓ୍ୱାଇସି କରିବାକୁ ବାକି ରହିଛି। ଏଥିରୁ ବି ସରକାରୀ କର୍ମଚାରୀ ପରିବାର ଚିହ୍ନଟ ହେବାର ସମ୍ଭାବନା ରହିଛି। ବଡ଼ଚଣାରେ ୨୦୨୬୦, ବରୀରେ ୧୯୧୨୪, ବିଂଝାରପୁରରେ ୧୫୫୬୯, ଦାନଗଦୀରେ ୧୩୫୫୦, ଧର୍ମଶାଳାରେ ୨୧୦୪୭, ଯାଜପୁରରେ ୧୪୫୩୬, ଯାଜପୁର ପୌରପାଳିକାରେ ୨୩୫୦, କୋରେଇରେ ୧୩୬୧୦, ରସୁଲପୁରରେ ୧୭୭୦୬, ସୁକିନ୍ଦାରେ ୧୬୫୧୨, ବ୍ୟାସନଗର ପୌରପାଳିକାରେ ୨୩୦୪ ହିତାଧିକାରୀଙ୍କ ନାମ ଇ-କେଓ୍ୱାଇସି ଅପେକ୍ଷାରେ ରହିଛି।



# ଏକ-ଆଶା ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ

ଦେବଗଡ଼ ତା ୨୩.୦୧.୨୫ ରିଖ ;ଅଗ୍ରଣୀ ଦାତବ୍ୟ ଓ ସାମାଜିକ ଅନୁଷ୍ଠାନ ଏକ-ଆଶା ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ନିକଟରେ ମହାସମାରୋହରେ ପାଳନ କରାଯାଇଛି । କ୍ରୀଡ଼ା କ୍ଷେତ୍ରରେ ଅସାମାନ୍ୟ ପାରଦର୍ଶିତା ପ୍ରଦର୍ଶନ ଏବଂ ବିଜ୍ଞାନ ଜଗତରେ ଅସାଧାରଣ କୁଶଳତାର ପ୍ରଦର୍ଶନୀକୁ ଆଧାର କରି ଆୟୋଜିତ ଏହି ମହୋତ୍ସବକୁ ନେଇ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଅହେତୁକ ଆଗ୍ରହ, ଅଭୁତପୂର୍ବ ଉତ୍ସାହ, ଅପରିସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ଦେଖାଯାଇଥିବା ଲକ୍ଷ୍ୟ କରାଯାଇଥିଲା। କ୍ରୀଡ଼ା ଓ ବିଜ୍ଞାନ ଯୁବ ମସ୍ତିଷ୍କକୁ ସାମଗ୍ରିକ ବିକାଶ ଦିଗରେ ଅଗ୍ରସର କରାଇ ସେମାନଙ୍କର ଭବିଷ୍ୟତକୁ ଏକ ପ୍ରଜ୍ୱଳିତ ବହ୍ନିରେ ପରିଣତ କରିପାରେ ବୋଲି ଏହି ଭବ୍ୟ କାର୍ଯ୍ୟକ୍ରମରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇ ଯାଇଛି । ଏହି ସମାବେଶରେ ଏକ-ଆଶା ବିଦ୍ୟା ବନମ ଓ ଥିଙ୍କ ସେଣ୍ଟରର ୨୦୦ ଜଣ ଛାତ୍ରଛାତ୍ରୀ, ୧୫୦ ଜଣରୁ ଉର୍ଦ୍ଧ୍ୱ ଅଭିଭାବକ, ୨୫୦ ଜଣରୁ ଉର୍ଦ୍ଧ୍ୱ ଗ୍ରାମବାସୀ, ବହୁ ସ୍ୱେଚ୍ଛାସେବୀ, ନିକଟସ୍ଥ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀ ଏବଂ ୫୦ ଜଣ ସମ୍ମାନିତ ଅତିଥିଙ୍କୁ ମିଶାଇ ମୋଟ ୬୦୦ ରୁ ଉର୍ଦ୍ଧ୍ୱ ଆଗନ୍ତୁକ ଯୋଗ ଦେଇଥିବା ଜଣା ଯାଇଥିଲା । ଓଡ଼ିଶାର ଦେବଗଡ଼ର ଏକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଝରାଗୋଗୁଆ ଗ୍ରାମରେ ଏକ-ଆଶା ଟ୍ରଷ୍ଟ ଦ୍ୱାରା ଏହି ଦୁଇଦିନିଆ ଚିତ୍ତାକର୍ଷକ କ୍ରୀଡ଼ା ଉତ୍ସବ ତଥା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହକୁ କେନ୍ଦ୍ରକରି ସମଗ୍ର ଅଞ୍ଚଳଟି ଚଳଚଞ୍ଚଳ ଓ ଉତ୍ସବ ମୁଖରିତ ହୋଇ ଉଠିଥିବା ଦେଖା ଯାଇଥିଲା । ଏଭଳି ସରସ, ସୁନ୍ଦର ଓ ସୁରମ୍ୟ ଆସରର ପ୍ରଭାବରେ ଏକ-ଆଶାର ପରିସର, ଶିକ୍ଷା, ସୁସ୍ଥତା ଏବଂ ସୃଜନଶୀଳତାର ଏକ ଜୀବନ୍ତ କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା । ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ଅତି ଉଚ୍ଚକୋଟୀର ଥିଲା । ଏଥିରେ ଯୁବ ମସ୍ତିଷ୍କରୁ ନିର୍ଗତ ସଦ୍ୟ ଶକ୍ତି, ସଶକ୍ତ ସ୍ଫୁର୍ତ୍ତି, ମାନସ ମନ୍ଥନ, ପଦାର୍ଥ ବିଜ୍ଞାନର ଯାଦୁଗରୀ କରାମତି, ଆଧୁନିକତା ଉଚ୍ଛ୍ୱାସ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମିଙ୍ଗର ଚମତ୍କାରିତା ଆଧାରିତ ଅଭିନବ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ଉପସ୍ଥାପନ କରାଯାଇଥିଲା । କ୍ରୀଡ଼ା ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କର ଦୌଡ଼, ଦଳଗତ ପ୍ରତିଯୋଗିତା ଏବଂ ଆଞ୍ଚଳିକ ପାରମ୍ପରିକ ଖେଳକୁଦ ଦ୍ୱାରା ସେମାନଙ୍କର ଦକ୍ଷତାର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରାଯିବା ଫଳର ସମଗ୍ର ପରିବେଶ ଆନନ୍ଦ, ଉଲ୍ଲାସ ଏବଂ ଉତ୍ସୁକତାର ପ୍ରତିଧ୍ୱନିରେ ପ୍ରକମ୍ପିତ ହୋଇ



ଉଠିଥିଲା । ସଭାକୁ ସମ୍ବୋଧିତ କରି ସ୍ଥାନୀୟ ସରପଞ୍ଚ ନଳିନୀ କିଷାନ, 'ଏକ ବର୍ଷ ପୂର୍ବେ ଯେଉଁଠାରେ ମୋବାଇଲ ଫୋନ ନେଟୱର୍କ ଉପଲବ୍ଧ ହୋଇଥିଲା, ସେ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଏପରି ଏକ ଚମତ୍କାର ସୁଯୋଗ ପ୍ରଦାନ କରା ଯାଉଥିବା ଦେଖିବା ଅତ୍ୟନ୍ତ ରୋମାଞ୍ଚକର' ବୋଲି ଦର୍ଶାଇଥିଲେ । 'ଯୋଗ, ମାନବ ପିରାମିଡ୍ ଏବଂ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ, ଯାହାକି କେବଳ ଆମେ ଟେଲିଭିଜନରେ ଦେଖୁଛୁ ତାହା ଆମ ପିଲାମାନଙ୍କ ପାଇଁ ଉପଲବ୍ଧ କରାଯିବା ବାସ୍ତବରେ ଅବିଶ୍ୱସନୀୟ ବୋଲି ଶ୍ରୀମତୀ କିଷାନ ଉଲ୍ଲେଖ କରିଥିଲେ । ନିଜର ଅଭିଭାଷଣ ପ୍ରଦାନ କରି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ,"ଏକ ଆଶା ଟ୍ରଷ୍ଟର ଏହି ଉତ୍ତମ ପଦକ୍ଷେପ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଶାର ଆଲୋକ ବର୍ତ୍ତିକା ସଦୃଶ ସ୍ଥାପନ ହୋଇଥିବା ସୂଚାଇଥିଲେ । ଫଳସ୍ୱରୂପ ଏହା ଗ୍ରାମୀଣ ଏବଂ ସହରାଞ୍ଚଳର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟକୁ ସଙ୍କୁଚିତ କରି ପାରିଛି" ବୋଲି ସେ ମତବ୍ୟକ୍ତ କରିଥିଲେ ।"ଏହିପରି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ବଡ଼ ସ୍ୱପ୍ନ ଦେଖିବା ଓ ଏହାକୁ ସାକାର କରିବାର ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେବାକୁ ସକ୍ଷମ ହୋଇଥାଏ । ଏକ-ଆଶା ଟ୍ରଷ୍ଟ ବନ କୁସୁମ ଭଳି ପ୍ରସ୍ଫୁଟିତ ହୋଇଛି ଏବଂ ଏହି ବଣର ଫୁଲ ଦିନେ ନା ଦିନେ ସୁନିଶ୍ଚିତ ଭାବରେ ଦେବଗଡ଼ର ଗର୍ବ ଓ ଗୌରବ ଭାବରେ ପରିଗଣିତ ହୋଇ ସମଗ୍ର ଜିଲ୍ଲା ପାଇଁ ପ୍ରଶସ୍ତିର ବାହକ ସାବ୍ୟସ୍ତ ହେବ" ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ ।ଶ୍ରୀ ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ପ୍ରତ୍ୟେକ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ଅନୁଧ୍ୟାନ କରି ବ୍ୟକ୍ତିଗତ ଭାବେ ସମୀକ୍ଷା କରିଥିଲେ ଏବଂ ଯୁବ ବୈଜ୍ଞାନିକମାନଙ୍କୁ ଖୁବ୍ ପ୍ରେରଣା ଯୋଗାଇଥିଲେ ।ଏହି ଅବସରରେ ସେ ଏଠାରେ ଏକ-ଆଶା ବିଦ୍ୟା ବନମର ଶିଳାନ୍ୟାସ କରିବା ସହିତ ଉପସ୍ଥିତ ଟ୍ରଷ୍ଟି ଏବଂ ପରିଚାଳନା ବୋର୍ଡର ସଦସ୍ୟମାନଙ୍କ ସହିତ ଭବିଷ୍ୟତ ଯୋଜନା ଓ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ପରିଶେଷରେ ପୁରସ୍କାର ବିତରଣ ଅଧିବେଶନରେ ଉଭୟ କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ ଉଚ୍ଚକୋଟୀର ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏକ-ଆଶା ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ କାଳରେ, ତୃଣମୂଳ ସ୍ତରରେ ଆମୂଳଚୁଳ ପରିବର୍ତ୍ତନ ଆଣିବା ପାଇଁ ଏହାର ନିରନ୍ତର ପ୍ରୟାସକୁ ପ୍ରାଞ୍ଜଳ ଭାବରେ ପ୍ରଦର୍ଶନ କରା ଯାଇଥିଲା । ବର୍ଷ ପରେ ବର୍ଷ ଶିକ୍ଷା ନେଇ ଅଭିବୃଦ୍ଧି ଏବଂ ଉତ୍ସବ ମାଧ୍ୟମରେ ଉତ୍କର୍ଷର ଅବତାରଣା ପାଇଁ ଏହି ଟ୍ରଷ୍ଟ ଏକ ପ୍ରଶସ୍ତ ତଥା ଉନ୍ନତ ମଞ୍ଚ ପ୍ରଦାନ କରି ଦେବଗଡ଼ର ଜନସମୁଦାୟଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ବହନ କରିବା ସହିତ ଯୁବ ପୀଢ଼ିମାନଙ୍କ ହୃଦୟରେ ମହା ପ୍ରେରଣାର ଏକ ବତୀଘର ସାଜି ପାରିଥିବା ପ୍ରତୀୟମାନ ହେଉଛି ।

# ରଘୁନାଥପୁର ପଂଚାୟତ ସମିତିର ୪ର୍ଥ ଅଧିବେଶନ

## ଜନ ପ୍ରତିନିଧିଙ୍କ ପ୍ରଶ୍ନକୁ ଗୁରୁତ୍ୱ ଦେଉନାହାଁନ୍ତି ବିଭାଗୀୟ ଅଧିକାରୀ

ଜଗତସିଂହପୁର ତା୨୩।୧(ନିପ୍ର) ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ପଂଚାୟତ ସମିତିର ଚତୁର୍ଥ ଅଧିବେଶନ ଦୀର୍ଘ ଦେଢବର୍ଷ ପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ବିଭୁପ୍ରସାଦ ତରାଇ, ସମ୍ମାନୀତ ଅତିଥି ଭାବେ ତିର୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗ ଦେଇ ସରକାରଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ପଂଚାୟତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଏଥିରେ ବ୍ଲକ୍ ଉପାଧକ୍ଷ ଦେବାଶୀଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ୍, ଇତିଶ୍ରୀ ମଲ୍ଲିକ୍, ବିଡିଓ ବିରଂଚି ନାରାୟଣ ବେହେରା, ବ୍ଲକ୍ ସହକାରୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ୍ ପ୍ରମୁଖ ଉପସ୍ଥିତ ରହି ପଂଚାୟତ ପ୍ରତିନିଧିମାନଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ତେବେ ପଂଚାୟତ ପ୍ରତିନିଧିମାନଙ୍କୁ ଉତର ଦେବା ଭୟରେ ବହୁ ବିଭାଗୀୟ ଅଧିକାରୀ ସମିତି ଅଧିବେଶନରେ ଯୋଗ ଦେଇନଥିଲେ । ନିକଟରେ ରାଜ୍ୟ ସରକାର ମଡେଲ ପ୍ରାଥମିକ ବିଦ୍ୟାଳୟ ଲାଗି ୧୨ହଜାର କୋଟିର ବ୍ୟୟ ଅଟକଳ ମଂଜୁର କରିଥିବା ବେଳେ ଜନ ପ୍ରତିନିଧିଙ୍କ ବିଦ୍ୟାଳୟ ସମ୍ପର୍କିତ ଉତର ଦେବାକୁ



ବୈଠକରେ କୌଣସି ଶିକ୍ଷା ବିଭାଗ ଅଧିକାରୀ ବା କର୍ମଚାରୀ ଉପସ୍ଥିତ ନଥିଲେ । ସେହିପରି ନିକଟରେ ରଘୁନାଥପୁର ବ୍ଲକ୍ ଅଧିନ ତଅାଁରା ପଂଚାୟତରେ ଋଣ ଭାରରେ ଆତ୍ମହତ୍ୟା କରିଥିବା ଚାଷୀ ସମ୍ପର୍କରେ ଆଲୋଚନା ପାଇଁ ତଅାଁରା ସରପଂଚ କେତେକ ପ୍ରଶ୍ନ ଉତ୍ଥାପନ କରିଥିଲେ । ହେଲେ ଏହାର ଉତର ଦେବା ପାଇଁ ସମିତି ସଭାରେ ରଘୁନାଥପୁର ତହସିଲଦାର କିମ୍ବା ତାଙ୍କ ଅଧସ୍ଥନ କର୍ମଚାରୀ ସେଠାରେ ଉପସ୍ଥିତ ନଥିଲେ । ଯାହା ଫଳରେ ଜନ ପ୍ରତିନିଧିଙ୍କ ପ୍ରଶ୍ନ କେବଳ ପ୍ରଶ୍ନରେ ଅଟକି ଥିଲା । ରଘୁନାଥପୁର ବ୍ଲକ୍‌ର ଧରାଧରପୁର, ପୂରଣ ଓଡପଡା, ଜଗନ୍ନାଥପୁର ଓ ରଘୁନାଥପୁର ପଂଚାୟତରେ ଗତ କିଛିଦିନ ପୂର୍ବେ ୩ଶହ ନୂତନ ରାସନକାର୍ଡକୁ ବେଆଇନ ଭାବେ ପଂଜୀକରଣ କରାଯାଇଥିବାରୁ ଏ ସମ୍ପର୍କରେ ବହୁ ପଂଚାୟତ ପ୍ରତିନିଧି ପ୍ରଶ୍ନ ଉଠାଇଥିଲେ । ଯେଉଁ ସମୟରେ ନୂତନ ସଦସ୍ୟଙ୍କୁ ପୁରୁଣା କାର୍ଡରେ ଯୋଗ କରିବାକୁ ବ୍ଲକ୍ ପ୍ରଶାସନ ମନା କରୁଛି ସେହି ସମୟରେ କିପରି ଚଂଚକତା ପୂର୍ବକ ନୂତନ ଭାବେ ୩ଶହରୁ ଉର୍ଦ୍ଧ୍ୱ ରାସନ କାର୍ଡ କରାଗଲା ତାର ତଦନ୍ତ ଦାବୀ କରାଯାଇଥିଲା । ରେଢୁଆ ପଂଚାୟତରେ ବିପର୍ଯ୍ୟସ୍ତ ପାନୀୟ ଜଳ ବ୍ୟବସ୍ଥାକୁ ନେଇ ସରପଂଚ କିଶୋର ବେହେରା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତାହା ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଶ୍ରୀ ବେହେରାଙ୍କୁ ସାନ୍ତ୍ୱନା ପ୍ରଦାନ କରାଯାଇଥିଲା ।ମୋଟାମୋଟି ଭାବେ ରଘୁନାଥପୁର ବ୍ଲକ୍ ପ୍ରଶାସନ ଓ ଉଚ୍ଚ ନେତୃବୃନ୍ଦଙ୍କୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ନଦେବା ଏବଂ ପଂଚାୟତ ପ୍ରତିନିଧିମାନଙ୍କୁ ଗୁରୁତ୍ୱ ନଦେବା ଭଳି ଘଟଣା ଏହି ୪ର୍ଥ ଅଧିବେଶନରୁ ଲୋକେ ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା ।

# କନ୍ଧମାଳ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ ତା,୨୩/୦୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ର ଗ୍ରାମାଞ୍ଚଳ ରେ ଦିନକୁ ଦିନ ବାଲ୍ୟ ବିବାହ ବୃଦ୍ଧି ପାଇବାରେ ଲାଗିଛି , ଯାହାକି ଏବେ ଶିଶୁ ସୁରକ୍ଷା ଓ ମଙ୍ଗଳ ବିଭାଗ ସହିତ ଜିଲ୍ଲା ପ୍ରଶାସନ ର ମୁଣ୍ଡ ବ୍ୟଥା ବଢ଼ାଇବାରେ ଲାଗିଛି । ଏଣୁ ବାଲ୍ୟ ବିବାହ କୁ ରୋକିବା ପାଇଁ ଜ଼ିଲ୍ଲା ପ୍ରଶାସନ ଏକ ଅଭିନବ ପ୍ରୟାସ ଜାରି ରଖିଛି, ଯାହାକି ନୃତ୍ୟ ଗୀତ, ପଥ ପ୍ରାନ୍ତ ନାଟକ ମାଧ୍ୟମରେ ଗାଁ ଗାଁ ରେ ଜନ ସଚେତନ ସୃଷ୍ଟି କରାଯାଉଛି । କନ୍ଧମାଳ ଜ଼ିଲ୍ଲା ରେ ଦିନକୁ ଦିନ ବାଲ୍ୟ ବିବାହ ଭଳି ଘୃଣ୍ୟ ପ୍ରଥା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବାକୁ ଜ଼ିଲ୍ଲା ପ୍ରଶାସନ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ସମ୍ବନ୍ଵିତ ଶିଶୁ ବିକାଶ ଯୋଜନା ଅଧିକାରୀ ଙ୍କ ଫୁଲବାଣୀଙ୍କ ମିଳିତ ଉଦ୍ୟମରେ ଫୁଲବାଣୀ ବ୍ଲକର ଗଞ୍ଜୁଗୁଡା ପଂଚାୟତ ସ୍ଥିତ ପକାନା ଗାଁ କନ୍ୟାଶ୍ରାମ ପରିସର ଭିତରେ ଛାତ୍ରୀ ମାନଙ୍କୁ ସଚେତନ କରିବା ପାଇଁ ଏବଂ ବିଶିପଡା ଗ୍ରାମପଞ୍ଚାୟତର ଆଶ୍ରି ସାହି ଅଙ୍ଗନବାଡି କେନ୍ଦ୍ର ଅନ୍ତର୍ଗତ ପଡ଼ିଆ ବେରେଣା, ଆଶ୍ରିସାହି ୱାର୍ଡ ର ତ୍ରିନାଥ ମଣ୍ଡପ ପ୍ରାଙ୍ଗଣରେ ଫୁଲବାଣୀ ସ୍ଥିତ ମା ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ବାଲ୍ୟ ବିବାହ କୁ ରୋକିବାକୁ ସଂସ୍କାରଧର୍ମୀ ପଥପ୍ରାନ୍ତ ଲୋକ ନୃତ୍ୟ ନାଟିକା ମାଧ୍ୟମରେ ଅନୁଷ୍ଠିତ କରିଥିଲେ କ୍ଷ ଏହି କାର୍ଯ୍ୟ କ୍ରମରେ ଆଶ୍ରିସାହି ଅଙ୍ଗନବାଡି କର୍ମୀ ଶ୍ରୀମତୀ ରାଧାରାଣୀ ସାହାଣୀ ଓ ଆଶା କର୍ମୀ ଶ୍ରୀମତୀ ସଂଜିତା ସାହାଣୀ, ଗ୍ରାମର କିଶୋରୀ ବାଳିକା ସମେତ ଗ୍ରାମବାସୀ ଉପସ୍ଥିତ ରହି ପଥ ପ୍ରାନ୍ତ ନୃତ୍ୟ ନାଟିକା କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପଭୋଗ କରୁଥିବାର ଦେଖିବାକୁ ମିଳୁଛି କ୍ଷ ଗ୍ରାମାଞ୍ଚଳ ରେ ବାଲ୍ୟ ବିବାହ କୁ ରୋକିବା ପାଇଁ ସମୂହ ଶପଥ ପାଠ କରିଥିଲେ । ମା ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ର ଦକ୍ଷ କଳାକାର ମାନଙ୍କ ଦ୍ୱାରା ଦଳପତି ଶ୍ରୀ ରମେଶ ଚନ୍ଦ୍ର ସାହୁ ଙ୍କ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନା ରେ ଲୋକ ନୃତ୍ୟ ଦଣ୍ଡ ନୃତ୍ୟ ମାଧ୍ୟମରେ ବାଲ୍ୟ ବିବାହ ବିରୋଧୀ ସଚେତନା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଲୋକ ନୃତ୍ୟ କଳାକାର ମାନଙ୍କ ନିଖୁଣ ଅଭିନୟ ରେ ଗ୍ରାମବାସୀ ବିମୋହିତ ହୋଇଥିଲେ ଓ ନିଜ ନିଜ ଅଂଚଳରେ ଆଗାମୀ ଦିନରେ ବାଲ୍ୟ ବିବାହ କୁ ଦୃଢ଼ ଭାବେ ବିରୋଧ କରାଯିବା ପାଇଁ ସମସ୍ତେ ମିଳିମିଶି ଶପଥ ଗ୍ରହଣ କରିଥିଲେ । ହେଲେ ଦେଖାଯାଉ ବାଲ୍ୟ ବିବାହ ପ୍ରାଥାକୁ ରୋକିବା ପାଇଁ ପ୍ରଶାସନ ଦ୍ୱାରା ପରିବେଷିତ ପଥ ପ୍ରାନ୍ତ ନାଟକ, ନୃତ୍ୟ ନାଟିକା, ଲୋକ ନୃତ୍ୟ ମାଧ୍ୟମରେ ଫୁଲବାଣୀ ବ୍ଲକର ଗ୍ରାମାଞ୍ଚଳ ଗୁଡିକରେ ବସ ବାସ କରୁଥିବା ଜନସାଧାରଣ ଙ୍କ ଉପରେ କେମିତି ଓ କେତେ ପରିମାଣରେ ସଚେତନ କରିପାରୁଛି ଓ ବହୁ ଦିନରୁ ଚାଲି ଆସୁଥିବା ବାଲ୍ୟ ବିବାହ ପ୍ରାଥାକୁ ରୋକାଯାଇ ପାରୁଛି ତାହା ଆଗାମୀ ଦିନରେ ଜଣା ପଡିବ ।







# ତୁମୁଡିବନ୍ଧ ମହା ବିଦ୍ୟାଳୟ ରେ କୁଟିଆ କନ୍ଧ ସଂଗ୍ରହା ଲୟ ଉଦଘାଟିତ







ତୁମୁଡିବନ୍ଧ ତା,୨୩/୦୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣିଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ସ୍ଥିତ ଏକ ମାତ୍ର ନେତାଜୀ ସୁବାସ ଚ୍ଚନ୍ଦ୍ର ବୋଷ ମହାବିଦ୍ୟାଳୟ ରେ ମହାସମାରୋହରେପାଳନ ହୋଇଯାଇଛି । ନେତାଜୀ ଜୟନ୍ତୀ ରେ କନ୍ଧମାଳର ମାନ୍ୟବର ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ତୁମୁଡିବନ୍ଧ ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦଘାଟନ କରିଥିଲେ ଏହି ।ଏହା ସହିତ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଙ୍କ ଦ୍ୱାରା କୁଟିଆ କନ୍ଧ ସଂଗ୍ରହାଳୟ ର ଶୁଭ ଉଦଘାଟନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବ ଅବସରରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ଭୁୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ କିଭଳି ଜଣେ ଜଣେ ଦେଶର ନେତାଜୀ ଙ୍କ ଭଳି ଟାଣୁଆ ନେତା ହୋଇ ଦେଶର ନାମ ରଖିବେ ସେ ନେଇ ଉପଦେଶ ଦେଇଥିଲେ. ଆଦିବାସୀ ଙ୍କ ପରମ୍ପରା , କଳା, ନୃତ୍ୟ, ସଂସ୍କୃତି ତଥା ଏତିହ୍ୟ କୁ ମନେ ପକାଇବା ପାଇଁ ନେତାଜୀ ସୁବାଷ ବୋଷ ବିଦ୍ୟାଳୟ ର ଏଭଳି ଏକ ପ୍ରୟାସ ଯଥା କୁଟିଆ ସଂଗ୍ରହାଳୟକୁ ସବୁ ମହଲରୁ ଶୁଭେଚ୍ଛା ର ବାର୍ତା ମିଳିଛି । ସଂଗ୍ରହାଳୟରେ ଆଦିବାସୀ ମାନଙ୍କ ବହୁ ପୁରାତନ କାଳର ବିଭିନ୍ନ ବ୍ୟବହୃତ ସାମଗ୍ରୀ, ପୁରୁଣା ଟଙ୍କା, ଅଳଙ୍କାର, ପାରମ୍ପରିକ ଅସ୍ତ୍ରଶସ୍ତ୍ର ଆଦି କୁ ସଂଗ୍ରହ କରାଯାଇଛି । କନ୍ଧମାଳ ଜିଲ୍ଲାରେ ସୁଦୂର ଗୁଣୁପୁର ରୁ ଆସି ରୁମକୁ ଝୁମୁନା ସମ୍ବଲପୁରୀ ମେଲୋଡି ନୃତ୍ୟ ରେ ଝୁମି ଥିଲେ ଉପସ୍ଥିତ ଛାତ୍ର ଛାତ୍ରୀ ଅତିଥି ବୃନ୍ଦ । ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ ଗଦାଧର ପାତ୍ର, ତୁମୁଡିବନ୍ଧ ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତି ମାଝୀ, ଗୋଷ୍ଠୀ ଉନୟନ ଅଧିକାରୀ ବନବିହାରୀ ହରପାଲ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ସମିତି ସଭ୍ୟ ସୁଭଦ୍ରା ବେହେରଦଳାଇ , ସମ୍ପାଦକ ଲକ୍ଷ୍ମୀଧର ସାହୁ,ସାଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ନେତ୍ର ମାନସେଥ, ରବିନ୍ଦ୍ର ପାତ୍ର, ପରମା ବେହେରଦଳାଇ, ପ୍ରମୁଖ ଉପସ୍ଥିତ ଥିଲେ ।

# କେସିଙ୍ଗା ରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସାଂସଦ ଙ୍କୁ ତିନି ଦଫା ଦାବି ପତ୍ର ପ୍ରଦାନ

କେସିଙ୍ଗା,୨୩/୧/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ର ଆଗାମୀ ଭବିଷ୍ୟତ ପାଇଁ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟି ର ସଦସ୍ୟ ମାନେ ମଙ୍ଗଳବାର ମାନ୍ୟବର ରାଜ୍ୟସଭା ସାଂସଦ ସୁଜିତ କୁମାର ଙ୍କୁ ସାକ୍ଷାତ କରି କେସିଙ୍ଗା ର ଉନ୍ନତି ଉପରେ ତିନି ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି ।କେସିଙ୍ଗା ର ଏହି ବାଏପାସ କ୍ରିୟାନୁଷ୍ଠାନ କମିଟି କେସିଙ୍ଗା ସହର ପାଇଁ ଏକ ବାଏ ପାସ ରାସ୍ତା ନିର୍ମାଣ ପାଇଁ ଦିନରାତି ଏକ କରିଛି ତୁହାକୁ ତୁହା ବୈଠକ ସାଙ୍ଗକୁ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ସମେତ ବିଭିନ୍ନ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାକ୍ଷାତ କରି କେସିଙ୍ଗା ର ଭବିଷ୍ୟତ ପାଇଁ ସହରରେ ପାଇଁ ଏକ ବାଇପାସ୍ ରାସ୍ତା କେତେ ଆବଶ୍ୟକ ସେହି



ଉପରେ ଆଲୋଚନା କରୁଛନ୍ତି ।ବିଗତ ଦିନ ମାନଙ୍କରେ କଳାହାଣ୍ଡି ଲୋକସଭା ସାଂସଦ,ଜିଲ୍ଲାପାଳ କଳାହାଣ୍ଡି ଙ୍କୁ ଆଗରୁ ଦାବୀ ପତ୍ର ପ୍ରଦାନ କରାଯାଇଛି ।ସମସ୍ତେ ଯଥା ସମ୍ଭବ ସହଯୋଗ କରିବା ପାଇଁ କଥା ଦେଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଭଲ ଖବର ମିଳିନାହିଁ ।ସେଥି ପାଇଁ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟି ନିଜର ମାଆ ମାଟି ର ସୁରକ୍ଷା ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର ଙ୍କୁ ସାକ୍ଷାତ କରି ବାଇପାସ୍ ରାସ୍ତା ବିଷୟରେ ଆଲୋଚନା କରିଛନ୍ତି ।କମିଟି ର କହିବା ଅନୁଯାୟୀ ଅମାଠ ଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଆଗାମୀ ଦିନରେ ଫୋର ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ ସେଥି ପାଇଁ ଭବାନୀପାଟଣା ଓ ଜୁନାଗଡ଼ ପାଇଁ ଯଦି ବାଇପାସ୍ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛି ତାହା ହେଲେ କଳାହାଣ୍ଡି ର ଦ୍ୱାର କେସିଙ୍ଗା ପାଇଁ କାହିଁକି ବାଇପାସ୍ ରାସ୍ତା ପାଇଁ ସହମତି ଦେଉ ନାହିଁ ।ବିଗତ ଦିନ ମାନଙ୍କରେ କେସିଙ୍ଗା ପ୍ରତି ଅନେକ ଅବହେଳା କରାଯାଇଛି ଯାହା ବି ହେଇଛି ଆନ୍ଦୋଳନ ପରେ ହେଇଛି ତେଣୁ ବାଇପାସ୍ ରାସ୍ତା ନିର୍ମାଣ ବିଷୟରେ କିଛି ଭଲ ଖବର ନ ମିଳିଲେ ଆଗାମୀ ଦିନରେ କେସିଙ୍ଗା ଜନସାଧାରଣ ପୁଣିଥରେ ଆନ୍ଦୋଳନ ର ପନ୍ଥା ଗ୍ରହଣ କରିବେ ବୋଲି ବାଇପାସ୍ କ୍ରିୟାନୁଷ୍ଠାନ କମିଟି ର ସଦସ୍ୟ ମାନେ ପ୍ରକାଶ କରିଛନ୍ତି ।ଆଜିର ଦାବୀ ପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ,ମହେନ୍ଦ୍ର ନାଏକ ଦେବେନ୍ଦ୍ର ଭୁଜବଳ,ସୁରେଶ ରାଓ,ଦୟା ସୁନାନୀ, ଉମେଶ ନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଦୁଇମାସ ହେଲା ଚାଉଳ ଯୋଗାଣ ବନ୍ଦ

## ଅଙ୍ଗନବାଡି କେନ୍ଦ୍ର ରେ ଭୋକ ଉପାସରେ ଫେଁରୁଛନ୍ତି ଶିଶୁ

ଭବାନୀପାଟଣା ତା-୨୩/୧/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ରେ କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁ ଙ୍କ ଅନ୍ତର୍ନିହିତ ଗୁଣାବଳୀ ର ବିକାଶ ପାଇଁ ରାଜ୍ୟ ର ସମସ୍ତ ପଞ୍ଚାୟତ ରେ ଅଙ୍ଗନବାଡି କେନ୍ଦ୍ରମାନ ଖୋଲିଛନ୍ତି । ଏହି କେନ୍ଦ୍ର ମାନଙ୍କ ରେ ୩ରୁ ୬ମାସର ଶିଶୁ ଙ୍କୁ ବିକେନ୍ଦ୍ରି ଯୋଜନାରେ ୬ଦିନକୁ ୬ ପ୍ରକାର ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ପୋଷାକ, ସୁଇଟର, ଜୋତା ଇତ୍ୟାଦି ଅତ୍ୟାବଶ୍ୟକ ଜିନିଷ ଯୋଗାଇଛନ୍ତି । ସବୁ କେନ୍ଦ୍ର ରେ ଶିଶୁଙ୍କ ପ୍ରି ସ୍କୁଲ ଶିକ୍ଷା ପାଇଁ ଜଣେ ଲେଖାଏଁ ଅଙ୍ଗନବାଡି କର୍ମୀ ନିଯୁକ୍ତ କରିଛନ୍ତି । ହେଲେ କଳାହାଣ୍ଡି




ଜିଲ୍ଲା ଲାଞ୍ଜିଗଡ ବ୍ଲକ ରେ କେନ୍ଦ୍ର ମାନଙ୍କରେ ଚାଉଳ ନ ଥିବାରୁ କେବଳ ସିଝା ଅଣ୍ଡା ଖାଇ ଭୋକରେ ଫେରୁଛନ୍ତି କୋମଳ ମତି ଶିଶୁ. କେନ୍ଦ୍ର ଅଛି, ପିଲା୍ି ଅଛନ୍ତି, ଅଙ୍ଗନବାଡି କର୍ମୀ ମଧ୍ୟ ରହି ପିଲା ଙ୍କୁ ଶିକ୍ଷା ଦେଉଛନ୍ତି ହେଲେ ପିଲା ଙ୍କ ଖାଇବା ପାଇଁ ଦାନା ନାହିଁ । ଏହାକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି । କିଛି ବିଭାଗୀୟ କର୍ମଚାରୀ ଓ ଟ୍ରାନ୍ସପୋର୍ଟିଂ ଏଜେଣ୍ଟ ଙ୍କ ଖାମଖିଆଲି ନୀତି ଯୋଗୁଁ ଏହି ଯୋଜନା ବାଟବଣା ହେବାରେ ଲାଗିଛି । ଦୁଇ ମାସ ହେଲା କେନ୍ଦ୍ର ମାନଙ୍କୁ କାହିଁକି ଚାଉଳ ଯୋଗାଣ ହେଉନି, କଣ ଅସୁବିଧା ରହିଛି, ଏହାର ବିକଳ୍ପ ବ୍ୟବସ୍ଥା କଣ ପ୍ରଶାସନ ଦୃଷ୍ଟି ଦେଉ ନାହାନ୍ତି । ଲାଞ୍ଜିଗଡ ବ୍ଲକ ରେ ୨୨୬ ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ୫ ହଜାର ରୁ ଉର୍ଦ୍ଧ ୩ ବର୍ଷ ରୁ ୬ବର୍ଷ ଶିଶୁ କେନ୍ଦ୍ରରେ ଶିକ୍ଷା ଗ୍ରହଣ କରୁଛନ୍ତି । ଏ ସମ୍ପର୍କ ରେ ଲାଞ୍ଜିଗଡ ବ୍ଲକ ଶିଶୁ ବିକାଶ ଅଧିକାରୀଣି ବିଜୟଶ୍ରୀ ସିଂ ଙ୍କୁ ପଚାରିବାରୁ ସେ ଟ୍ରାନ୍ସପୋର୍ଟିଂ ଏଜେଣ୍ଟ ଅନିଲ ଅଗ୍ରୱାଲ ଙ୍କୁ ବାରମ୍ବାର ଚାଉଳ ଦେବାପାଇଁ କୁହା ଯାଉଛି ହେଲେ ସେ କର୍ଣ୍ଣପାତ କରୁନାହିଁ. ଏହାକୁ ନେଇ ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀ ଓ ଜିଲ୍ଲାପାଳ ଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ପ୍ରକାଶ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀଙ୍କ ଏନ ଆର ଟି ଏସ ପରୀକ୍ଷାରେ ସଫଳତା

ଫୁଲବାଣୀ, ତା, ୨୩/୦୧ ଜଗନ୍ନାଥ ଏକ୍ସପ୍ରେସ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ସରକାରୀ ବୃତ୍ତି ପରୀକ୍ଷାରେ ୯ ମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ଏନ ଆର ଟି ଏସ ପରୀକ୍ଷା ଫଳାଫଳ ଶିକ୍ଷା ବିଭାଗ ଦ୍ୱାରା ଘୋଷଣା କରାଯାଇଛି । ଉକ୍ତ ପରୀକ୍ଷାରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ସ୍ଥିତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନବମ ଶ୍ରେଣୀର ସାତ ଜଣ ଛାତ୍ର ଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଯୋଗୁଁ ସମଗ୍ର ଜିଲ୍ଲାର ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଛି । ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନେ ହେଲେ ଅଭିଷେକ ମହାପାତ୍ର, ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁ, ଶକ୍ତିମାନ ବେହେରା, ସ୍ମୃତି ଆଞ୍ଚଲ ଦିଗାଲ, ସୋମ୍ୟା ପ୍ରିୟ ଦର୍ଶନି ମୁଖୀ, ନନ୍ଦିତା ମଲ୍ଲିକ, ନମ୍ରତା ପ୍ରଧାନ ପ୍ରମୁଖ କୃତିତ୍ୱ ହାସଲ କରି ଶିଶୁ ବିଦ୍ୟାମନ୍ଦିର କୁ ଗୌରବାନ୍ୱିତ କରିଛନ୍ତି । ଉକ୍ତ କୃତି ଛାତ୍ରଛାତ୍ରୀ ମାନଙ୍କ ପ୍ରଚ୍ଛଦ ପଟରେ ଥିବା ଶୁଭେଚ୍ଛୁ, ଆଚାର୍ଯ୍ୟ, ଆଚାର୍ଯ୍ୟା, ଅଭିଭାବକ, ମହଲ ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ପରିଚାଳନା ସମିତି ସହିତ ଉକ୍ତ ଛାତଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି । ପ୍ରକାଶ ଥାଉ କି ଏହି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ବାଟିକା ଠାରୁ ଆରମ୍ଭ କରି ବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଗତ ଶିକ୍ଷା ସହିତ ଶାରୀରିକ, ନୈତିକ, ବୌଦ୍ଧିକ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥାଏ । ତେଣୁ ପ୍ରତି ବର୍ଷ ଏହି ଅନୁଷ୍ଠାନ ସମଗ୍ର ଜିଲ୍ଲାରେ ବୃତ୍ତି ପାଇବା ସହିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରିବା ସହ ଅଧିକ ଏ୧ ନମ୍ବର ରଖି କୃତକାର୍ଯ୍ୟ ହେଉଛନ୍ତି ବୋଲି ମତ ପ୍ରକାଶ ପାଉଛି ।

# ଖଡ଼ିଆଳ ବ୍ଲକ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଋଣ ମେଳା ଅନୁଷ୍ଠିତ



ଖଡ଼ିଆଳ ; ଆଜି ଖରିଆର ଷ୍ଟେଟ୍ ବ୍ୟାଙ୍କ୍ ପରିସରରେ ମିଶନ ଶକ୍ତି ବିଭାଗ ତରଫରୁ ବ୍ଲକ୍‌ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଋଣ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥି ଭାବରେ ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ବି ଡି ଓ ନରସିଂହ ଗଡବା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟକାନ୍ତ ସାହୁ, ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ ସୀତାରାମ ମେହେର, ଷ୍ଟେଟ୍ ବ୍ୟାଙ୍କ୍ ଖଡ଼ିଆଳ ମୁଖ୍ୟ ପ୍ରବନ୍ଧକ ଦିନେଶ୍ ମିଶ୍ର, ଜିଲ୍ଲା ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଋଣ ମେଳାରେ ଷ୍ଟେଟ୍ ବ୍ୟାଙ୍କ୍ ଖରୀଆର୬୫ ଟି ମହିଳା ସ୍ୱୟଂ ସହାୟକ ଦଳଙ୍କୁ ୨ କୋଟି ୬୧ଲକ୍ଷ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ତୁକ୍ଲା ୨୯ ଟି ଦଳ କୁ ୯୫ ଲକ୍ଷ ,ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ଡୁଆଝର ୨୦ ଟି ଦଳଙ୍କୁ ୬୦ ଲକ୍ଷ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ବରଗାଁ ୨୦ ଟି ଦଳଙ୍କୁ ୭୦ଲକ୍ଷ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ଖଡ଼ିଆଳ ୨୪ ଟି ଦଳଙ୍କୁ ୧ କୋଟି ୧୨ ଲକ୍ଷ, ୟୁନିଅନ ବ୍ୟାଙ୍କ୍ ଖଡ଼ିଆଳ ୫ ଟି ଦଳ କୁ ୧୯ଲକ୍ଷ, ବ୍ୟାଙ୍କ୍ ଅଫ ଇଣ୍ଡିଆ ୩ଟି ଦଳ କୁ ୧୫ ଲକ୍ଷ, ବଲାଙ୍ଗୀର ସମବାୟ ବ୍ୟାଙ୍କ ୩ ଟି ଦଳଙ୍କୁ ୧୫ ଲକ୍ଷ ଋଣ ସହାୟତା ଯୋଗାଇ ଦେଇଛନ୍ତି। ଏଭଳି ଭାବରେ ୮ ଟି ବ୍ୟାଙ୍କ ୧୬୯ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬ କୋଟି ୪୭ ଲକ୍ଷ ଟଙ୍କା ର ଋଣ ଆଜି ମେଳାରେ ଯୋଗାଇ ଦେଇଛନ୍ତି। ଏହି ସବୁ ସହାୟତା ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥି ମାନେ ବ୍ୟାଙ୍କ୍ ଚେକ୍ ଆକାରରେ ଗୋଷ୍ଠୀ ମାନଙ୍କୁ ବିତରଣ କରିଥିଲେ। ଏହି ଋଣ ସହାୟତାକୁ ଉପଯୋଗ କରି ମହିଳା ମାନେ ଆହୁରି ସଶକ୍ତ ହେବେ, ପରିବାର ମାନେ ଅଧିକ ଆର୍ଥିକ ସ୍ୱଚ୍ଛଳ ହେବେ। ଏହାଦ୍ୱାରା ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟାର ମଧ୍ୟ ସମାଧାନ ହୋଇ ପାରିବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି କ୍ଷ ଶିବିର ପରିଚାଳନା ରେ ସି ଡି ପି ଓ,ଖରୀଆର ମୀନା କୁମାରୀ ଅଗ୍ରୱାଲ ଏଂ ବିଭାଗୀୟ କର୍ମଚାରୀ , ବିଭିନ୍ନ ବ୍ୟାଙ୍କ ର ଅଧିକାରୀ ସହଯୋଗ କରିଥିଲେ।

# ନୂତନ ବିଡ଼ିଓ ଆସିବା ପରେ ବିଜେଡି ପକ୍ଷରୁ ସ୍ୱାଗତ ଜଣାଇଲେ



ଆନନ୍ଦପୁର ; ହାଟଡିହି ବ୍ଲକର ନୂତନ ବିଡ଼ିଓ ଆସିବା ପରେ ବିଜେଡି ପକ୍ଷରୁ ସ୍ୱାଗତ ଜଣାଇ ଛନ୍ତି ।ସ୍ୱାଗତ କାଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠି. ହାଟଡିହି ସରପଞ୍ଚ ଚିନ୍ମୟ ନାୟକ. ରମ୍ଭାସ ସରପଞ୍ଚ ରବୀନ୍ଦ୍ର ଯେନା. ସରପଞ୍ଚ ବାବୁଲା କାଣ୍ଡଉପସ୍ଥିତ ରହି ବିଡ଼ିଓ ରଞ୍ଜନ କୁମାର ପରିଡା ଅଫିସ ରୁମ ରେ ସ୍ୱାଗତ ଜଣାଇ ଥିଲେ ।ବିଡ଼ିଓ ରଞ୍ଜନ କୁମାର ପରିଡା ଙ୍କ ଗଣମାଧ୍ୟମ ପ୍ରତିକ୍ରିୟା ରେ ରଖିଛନ୍ତି ବ୍ଲକର ସମସ୍ତ ଉର୍ନତି ମୂଳକ କାଯ୍ୟ ଆଗକୁ ଆଗେଇ ନେବା ପାଇଁ ।ଏଭଳି ଖବର ପ୍ରସାରିତ ହେବା ପରେସାଧାରଣ ରେ ଆନନ୍ଦ ପ୍ରକାଶ ପାଉଛି ।

# ଚିକିତ୍ସାର ପାଇଁ ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଇଚ୍ଛା



ସମ୍ବଲପୁର : ଯୁଜୁମୋର ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ପଂଚାୟତର ଧୀର ଧରୁଆଙ୍କୁ ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଇଚ୍ଛାର ସଭ୍ୟଙ୍କ ସହାୟତାରେ ଅଧିକ ଚିକିତ୍ସା ପାଇଁ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ପଠାଯାଇଛି। ଧୀର ଧରୁଆ ପେଟ ଜନିତ କ୍ୟାନ୍ସର ରୋଗରେ ବହୁ ଦିନରୁ ପୀଡିତ ହୋଇ ବୁର୍ଲାରେ ଚିକିତ୍ସା ହେଉଥିଲେ। ଅଧିକ ଚିକିତ୍ସା ଆବଶ୍ୟକ ପଡିବାରୁ ଡାକ୍ତର ତାଙ୍କୁ କଟକ ଯିବାପାଇଁ ପରାମର୍ଶ ଦେଇଥିଲେ। ଗରିବୀ ଅବସ୍ଥା ଯୋଗୁଁ କଟକ ଯାଇ ଚିକିତ୍ସା କରିବାରେ ଅସମର୍ଥ ଥିଲେ। ଏହା ଜାଣିଲା ପରେ ସ୍ୱଇଚ୍ଛା ଟିମ ତାଙ୍କୁ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ପଠାଇବା ସହ ସମସ୍ତ ଖର୍ଚ୍ଚ ଯଥା ରହିବା ଖାଇବା ବୁଝିବା ପାଇଁ ପ୍ରତିଶୃତି ଦେଇଛି। ଏଥିରେ ସ୍ୱାଗତ ମିଶ୍ର, ଅଭିନନ୍ଦନ ତ୍ରିପାଠୀ, ଆତିଶ ମିଶ୍ର, ସୁକାନ୍ତ ପଣ୍ଡା, ଅଂଶୁମାନ ସରାଫ, ଦୀପକ ପାଣିଗ୍ରାହୀ, ଗୋବିନ୍ଦକ୍ଷ, ଶତ୍ରୁଘ୍ନ ରାଉତ ଏବଂ ମନୋଜ ମହାନ୍ତି ପ୍ରମୁଖ ସହଯୋଗର ହାତ ଧୀରଙ୍କୁ ବଢ଼ାଇଛନ୍ତି।

# ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗ ଓ ଟିପିଡବ୍ଲୁଓଡିଏଲ ସହାୟତାରେ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ସୁବର୍ଣ୍ଣପୁର : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ଚିହ୍ନଟ ଯକ୍ଷ୍ମା ରୋଗୀଙ୍କୁ ଟିପିଡବ୍ଲୁଓଡିଏଲ ସହାୟତାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଯୋଗଦାନ କରି ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଏହି ଅବସରରେ ଆବଶ୍ୟକ ସଚେତନତା ସହ ଯକ୍ଷ୍ମାର ଭୟକୁ ସାଧାରଣରେ ଦୂର କରିବା ତଥା ତତ ସମ୍ବନ୍ଧୀୟ ବିଦ୍ୱେଷ ଓ ଭେଦଭାବକୁ ଦୂର କରି ଏକ ଯକ୍ଷ୍ମା ମୁକ୍ତ ଜିଲ୍ଲା ତଥା ଭାରତ ଗଠନ କରିବାକୁ ଆହ୍ୱାନ କରିଛନ୍ତି। ସେ ଏହି ଅବସରରେ ସମସ୍ତେ ଯତ୍ନବାନ ତଥା ବ୍ୟବସ୍ଥିତ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅନ୍ୟମାନଙ୍କମଧ୍ୟରେ ଡାକ୍ତର ପଦ୍ମନସଓ ଦୋରା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ) , ଡାକ୍ତର ଦୁର୍ଗା ଦତ୍ତ ଦାସ ,ଅଧକ୍ଷ , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ଶ୍ରୀ ଆଶିଷ କୁମାର ପାଟଯୋଶୀ, ଅପରେସନ ମୁଖ୍ୟ ଟିପିଡବ୍ଲୁଓଡିଏଲ, ଶ୍ରୀମତୀ ଅରୁଣା ମାରାଣ୍ଡି,ଟିମ ଲିଡ଼ର ସି. ଏସ. ଆର., ଶ୍ରୀ ବିବେକାନନ୍ଦ ଦୀକ୍ଷିତ , ଏସ.ଡି . ଓ , ଇଲେକ୍ଟ୍ରିକାଲ ସୋନପୁର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ଭୋଇ , ନିର୍ବାହୀ ଅଧିକାରୀ ସୋନପୁର ମୁନିସିପାଲିଟି ଶ୍ରୀ ଯୁକ୍ତ ରୁଷି ମାଝୀ , ଶ୍ରୀ ବିଶ୍ୱମ୍ଭର ବେହେରା , ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ , ଜାତୀୟ ସ୍ୱାସ୍ଥ୍ୟ ମିଶନ , ଶ୍ରୀମତୀ ସାଗରିକ ସ୍ୱାଇଁ , ସୋନପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ଜିଲ୍ଲା ଯକ୍ଷ୍ମା ସଂଯୋଜକ ସମୀର କୁମାର ସାହୁ , ଜିଲ୍ଲା ପିପିଏମ ସଂଯୋଜକ ଜ୍ଞାନଜିତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ତରଫରୁ ଯକ୍ଷ୍ମା ଦୂରୀକରଣ ନିମନ୍ତେ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଗୁରୁ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଆଜି କାର୍ଯ୍ୟକ୍ରମରେ ୧୨ ଜଣ ଯକ୍ଷ୍ମା ରୋଗୀଙ୍କୁ ସିଧା ସଳଖ ଗୋଟିଏ ମାସର ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା ଓ ଏହି ପ୍ରକ୍ରିୟାରେ ଜିଲ୍ଲାର ୨୩୪ ଜଣ ରୋଗୀଙ୍କୁ ଟିପିଡବ୍ଲୁଓଡିଏଲ ସହାୟତାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି ସ ପ୍ରତ୍ୟକ ରୋଗୀଙ୍କୁ ଛମାସ ପର୍ଯ୍ୟନ୍ତ ଏହି ସହାୟତା ପ୍ରତ୍ୟକ ମାସରେ ପ୍ରଦାନ କରାଯିବ ଓ ଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ।ଏଥିରେ ଜିଲ୍ଲା ଯକ୍ଷ୍ମା ବିଭାଗର କର୍ମକର୍ତ୍ତା ତଥା ସମସ୍ତ ଜିଲ୍ଲା ସ୍ତରୀୟ କନ୍ସଲଟାଣ୍ଟ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଜୁପିଟରର ପବ୍ଲିକ ସ୍କୁଲର ୧୦ମ ତମ ବାର୍ଷିକ ଉତ୍ସବ ପାଳିତ



ବ୍ରହ୍ମପୁର ; ଆଜି ସ୍ଥାନୀୟ କନିଶି ହାଟ ସ୍ଥିତ ଜୁପିଟର ପବ୍ଲିକ୍ ସ୍କୁଲର ୧୦ ମ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି ।ସଭାପତି ଶ୍ରୀଯୁକ୍ତ ରଜନୀକାନ୍ତ ପାତ୍ର ଓ କମିଟି ମେମ୍ବର ଙ୍କ ଅଧ୍ୟକ୍ଷତା ଓ ସହଯୋଗ ରେ ଅନୁଷ୍ଠିତ ହୋଇଥିବା ଉକ୍ତ ଉତ୍ସବରେ ସ୍ଥାନୀୟ ଉପାଧ୍ୟକ୍ଷା। ସୁଶ୍ରୀ ରାଜେଶ୍ୱରୀ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ କେ. କୃଷ୍ଣମୂର୍ତ୍ତି ଓ ସମ୍ମାନିତ ଅତିଥି ଭାବେ ବିଶାଳ ଓଜ୍ଓ ର ଉପାଧକ୍ଷ ଶ୍ରୀଯୁକ୍ତ କେଦାରନାଥ ନାୟକ ,ରଙ୍ଗେଇଲୁଣ୍ଡା ବ୍ଲକ୍ ର ଅଧକ୍ଷା ଶ୍ରୀମତୀ ଚିନି ଉଷାରାଣୀ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ମାର୍ଗଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଉତ୍ସବରେ ମୁଖ୍ୟ ଆକର୍ଷଣ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ନାଚ ଗୀତ ଓ ନାଟକ ଦର୍ଶକ ମାନଙ୍କ ମନକୁ ଆକର୍ଷଣ କରିଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ, ସମ୍ମାନିତ ଅତିଥିଙ୍କ ବକ୍ତୃତା ସହିତ ଉତ୍ସବ ସମାପ୍ତ ହୋଇଥିଲା। ଶ୍ରୀ ରାଜ୍ ଶେଖର ପାତ୍ର ଓ ସୁଶ୍ରୀ ଚାନ୍ଦିନୀ ନାୟକ କାର୍ଯ୍ୟକ୍ରମ ର ଉପସ୍ଥାପନା କରିଥିଲାବେଳେ ପରିଶେଷରେ ସ୍କୁଲ୍ ଅଧକ୍ଷା ଶ୍ରୀମତୀ ବବିତା ମଞ୍ଜରୀ ପାତ୍ର ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୯୮୬ ବ୍ୟାଚ ନନ୍ଦ କିଶୋର ବିଦ୍ୟାମନ୍ଦିରର ବନ୍ଧୁ ମିଳନ



ମାହାଙ୍ଗା ; ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ସ୍ଥିତ ନନ୍ଦକିଶୋର ବିଦ୍ୟା ମନ୍ଦିରରେ ୧୯୮୬ ବ୍ୟାଚର ବନ୍ଧୁ ମିଳନ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୬ ଜଣ ପୁରାତନ ଛାତ୍ରଛାତ୍ରୀଙ୍କ ସପରିବାରେ ଅଂଶ ଗ୍ରହଣ କରିଥିଲେ। ଜୀବନର ଅନେକ ବର୍ଷପରେ ସ୍କୁଲ ଜୀବନ ଠାରୁ ଦୁରେଇ ଗଲା ପରେ ପୁଣି ଥରେ ସ୍କୁଲ ପରିସରରେ ଏକାଠି ହେବା ସମୟରେ ଯେମିତି ଅନୁଭୂତି ହେଉଥିଲା ସତେ ଯେମିତି ସେଦିନର ସେଇ ସ୍କୁଲ ଜୀବନ ପୁଣି ଥରେ ଫେରି ଆସିଛି। ଫେରି ଆସିଛି ସାଙ୍ଗସାଥୀଙ୍କ ସହ ସେଇ ପୁରୁଣା ମୁହୂର୍ତ୍ତ। ନିଜକୁ ସେଦିନର ସେଇ କଳାଧଳା ୟୁନିଫର୍ମ ପିନ୍ଧା ନବମ ଦଶମ ଶ୍ରେଣୀର ପିଲାଟିଏ ପରି ଲାଗୁଥିବା କଥା ପ୍ରକାଶ କରିଛନ୍ତି ଉପସ୍ଥିତ ଥିବା ପୁରାତନ ଛାତ୍ର ଛାତ୍ରୀ ମାନେ। ସ୍କୁଲ ପରିସରରେ ଥିବା ପଲ୍ଲିକବି ନନ୍ଦ କିଶୋର ଓ ଶିଳ୍ପୀ ଗୁରୁ ବିମ୍ବାଧର ବର୍ମାଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ପ୍ରଦାନ କରାଯିବା ସହ ତତ୍କାଳୀନ ଦୁଇ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ପ୍ରହଲ୍ଲାଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଉପସ୍ଥିତ ଦୁଇ ଗୁରୁ ଙ୍କ ପଦପୂଜା କରାଯିବା ପରେ୮୬ ବ୍ୟାଚ ର ସହପାଠୀ ମାନଙ୍କ ମଧ୍ୟରୁ ସ୍ୱର୍ଗାରୋହଣ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଏହି ସଭାକୁ ପରିଚାଳନା କରିଥିଲେ ନିଶିକାନ୍ତ ଜେନା, ସଂଗ୍ରାମ କେଶରି ମିଶ୍ର, ପ୍ରିୟବ୍ରତ ରଥ, ରାହାସ ବିହାରୀ ମହାରଣା, ଡମ୍ବରୁ ଜେନା, ବିନୋଦ ପାଢ଼ି, ସୁରେନ୍ଦ୍ର ଦାସ, ଈଶ୍ୱର ଚନ୍ଦ୍ର ଦାସ , ସଞ୍ଜୟ ସାମଲ, ପ୍ରତାପ ସାହୁ, ଶ୍ରୀପତି ମାହାନ୍ତି, ଓ ଛାତ୍ରୀ ମାନଙ୍କ ତରଫରୁ ରଞ୍ଜିତା ଜେନା, ଅଞ୍ଜୁଶ୍ରୀ ସାହୁ, ସ୍ୱର୍ଣ୍ଣଲତା ମହାପାତ୍ର, ମିନତୀ ଜେନା,ପ୍ରଭୃତି ଛାତ୍ରଛାତ୍ରୀଙ୍କ ସହଯୋଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦିତ କରାଯାଇଥିଲା। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଦୁଇ ଅବସର ପ୍ରାପ୍ତ ଶିକ୍ଷକ। ଆଜି ଜୀବନଟା କେଜାଣି କେଉଁଠି କାହାକୁ ବଞ୍ଚିବା ପାଇଁ ଦୁରେଇ ଦେଇଛି ସତ କିନ୍ତୁ ଏହି ସ୍କୁଲ ଅଟାଳିକା ଯେତେବେଳେ ବି ଦେଖି ଆଖିଆଗରେ ଭାସି ଉଠେ ପିଲାଦିନର ସାଙ୍ଗସାଥି ଓ ଖେଳ କୁଦ ସମୟର କଥା । କେଜାଣି କେବେ ଆଉ ଜୀବନରେ ଦେଖାହେବ ନହେବ କିଏ ଜାଣେ କିନ୍ତୁ ମନେ ରହିବ ଏହି ବନ୍ଧୁମିଳନ ବୋଲି ମତବ୍ୟକ୍ତ କରିଥିଲେ ଉପସ୍ଥିତ ସଦସ୍ୟ ମାନେ।

# ଖଡିଆଳ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଖଡ଼ିଆଳ ; ଆଜି ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ଯାଗା , ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା । ଆଜି ଶିବିରରେ ୭୭ ଟି ବ୍ୟକ୍ତିଗତ , ୯ ଟି ଗୋଷ୍ଠୀଗତ ମୋଟ ୮୬ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୋଇମୁଣ୍ଡି ଗାଁର ବୃଦ୍ଧା ଉର୍ମିଳା ଜଗତଙ୍କୁ ରେଡକ୍ରସ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କାର ତତ୍କାଳିନ ସହାୟତା ଯୋଗାଇ ଦିଆଯାଇଥିଲା। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍ ଡି ପି ଓ ଙ୍କ ସହିତ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବ୍ଲକ୍ ଉପାଧକ୍ଷ ଗୌତମ ତାଣ୍ଡି ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧରଣୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନା ରେ ଡେପୁଟି କଲେକ୍ଟର ଶେଖ୍ ନସିମ, ବିଡ଼ିଓ ନରସିଂହ ଗଡବା , ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଇ ଓ ଖରୀଆର ଏନ୍ ଏ ସି ସ୍ୱାଧୀନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ,ବ୍ଲକ ସ୍ତରୀୟ ଅଧିକାରୀ , କର୍ମଚାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ସ୍ଥାନୀୟ ଡାକ୍ତରଖାନାରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା।

# ମହୋତ୍ସବ ୱେବସାଇଟ ଉନ୍ମୋଚିତ



ଖଡ଼ିଆଳ ; ଖଡ଼ିଆଳର ବିଲୁପ୍ତ ଲୋକକଳା, ଲୋକ ସାହିତ୍ୟ, ଲୋକ ସଂସ୍କୃତି ର ପୁନଃରୁଦ୍ଧାର ପାଇଁ ଆୟୋଜିତ ହୋଇ ଆସୁଛି ଖଡ଼ିଆଳ ମହୋତ୍ସବ । ଚଳିତ ବର୍ଷ ଏହା ୧୯ ବର୍ଷ ରେ ପଦାର୍ପଣ କରିଛି । ଖଡ଼ିଆଳ ମହୋତ୍ସବ ର ଆୟୋଜନ ନେଇ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥିବା ବେଳେ ଖଡ଼ିଆଳ ମହୋତ୍ସବ ର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରି ଆୟୋଜକ କମିଟି ପକ୍ଷରୁ ଏକ ପାଦ ଆଗେଇ ଖଡ଼ିଆଳ ମହୋତ୍ସବ ନାଁ ରେ ଏକ ୱେବସାଇଟ ଉନ୍ମୋଚିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବ ରେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଙ୍କ କରକମଳ ରେ ଉନ୍ମୋଚିତ ହୋଇଥିଲା । ସ୍ଥାନୀୟ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସର ରେ ରବିବାର ସନ୍ଧ୍ୟା ରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକ ରେ ଏହି ଖଡ଼ିଆଳ ମହୋତ୍ସବ ନାଁ ରେ ୱେବସାଇଟ ଉନ୍ମୋଚିତ ହୋଇଥିଲା । ଏଣିକି ଖଡ଼ିଆଳ ମହୋତ୍ସବ ର ସମସ୍ତ ସୂଚନା ଙ୍ଗଙ୍ଗଙ୍ଗ.ଲଷବୟସବକ୍ଷଙ୍କକ୍ଟଷଶ୍ବଶ୍ବବଙ୍ଗ ରେ ନାମିତ ହୋଇ ଉନ୍ମୋଚିତ ହୋଇଥିବା ୱେବସାଇଟ ରେ ମହୋତ୍ସବ ର ସମସ୍ତ ସୂଚନା ଉପଲବ୍ଧ ହୋଇଥିବା ମହୋତ୍ସବ ପାଳନ କମିଟି ର ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି । ଦୀର୍ଘ ୧୯ ବର୍ଷ ଧରି ଖଡ଼ିଆଳ ଜନସାଧରଣ ଙ୍କ ସହଯୋଗ ରେ ବହୁତ ଧୁମଧାମ ରେ ମହୋତ୍ସବ ପାଳନ ହୋଇ ଆସୁଥିବା ବେଳେ ଖଡ଼ିଆଳ ମହୋତ୍ସବ ରାଜ୍ୟ ତଥା ଦେଶ ବିଦେଶ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରି ପାରିଛି । ଏଣୁ ୱେବସାଇଟ ଉନ୍ମୋଚିତ ହେବା ଖଡ଼ିଆଳ ମହୋତ୍ସବ କୁ ଆହୁରି ଆଗେଇ ନେବା ରେ ସହାୟକ ହେବ ବୋଲି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମତପ୍ରକାଶ କରିଥିଲେ । ଉକ୍ତ ୱେବସାଇଟ ଉନ୍ମୋଚିତ ସମୟ ରେ ମହୋତ୍ସବ ପାଳନ କମିଟି ର ପଦାଧିକାରୀ ସହ ବିଭିନ୍ନ ଉପକମିଟି ର ଆବାହକ ଏବଂ କର୍ମକର୍ତ୍ତା ଗଣ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ତହସିଲଦାରଙ୍କ ଯୋଗଦାନ



ବୋରିଗୁମ୍ମା : ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ରେ ନୂତନ ତହସିଲଦାର ଭାବେ ଶୋଭନ କୁମାର ବେହେରା ଯୋଗଦାନ କରିଛନ୍ତି ।ଏଥି ପୂର୍ବରୁ ଶ୍ରୀ ବେହେରା ଦେବଗଡ଼ ମ୍ୟୁନିସିପାଲିଟି ର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସୁଥିଲେ ।ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ର ପତ୍ରାଙ୍କ--୧୦୦୩/୦୭.୦୧.୨୦୨୫ କ୍ରମେ ଶୋଭନ କୁମାର ବେହେରା ଙ୍କୁ ବୋରିଗୁମ୍ମା ତହସିଲଦାର ଭାବେ ବଦଳି କରାଯାଇଥିଲା ।ବୋରିଗୁମ୍ମା ପ୍ରେସ କ୍ଲବ ର ସଭାପତି ବିଜୟ ନାରାୟଣ ସାହୁ ଙ୍କ ନେତୃତ୍ୱରେ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଙ୍କୁ ଫୁଲ ତୋଡ଼ା ପ୍ରଦାନ କରି ସ୍ୱାଗତ କରିଥିଲେ ।ପ୍ରେସ କ୍ଲବ ର ସଭ୍ୟ କେ.ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର, ସୁଶୀଲ ଷଡଙ୍ଗୀ, ସୁକାନ୍ତ ମାଝୀ, ମାନସ ହୋତା, ଗୋପାଳ ଡ଼ଙ୍ଗରୀ ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରକାଶ ଥାଉ କି ଜନସାଧାରଣ ଙ୍କ ବିଭିନ୍ନ କାର୍ଯ୍ୟ ରେ ବିବାଦୀୟ ହୋଇପଡିଥିବା ବୋରିଗୁମ୍ମା ତହସିଲଦାର ଅମୃତଲାଲ ବେହେରା ଙ୍କୁ ସମ୍ବଲପୁର ଜିଲ୍ଲା ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିଲା।

# ମାଲକାନଗିରି ପୌର ପରିଷଦରେ ଭୀମ ଭୋଇ ଭିନ୍ନକ୍ଷମ ସମର୍ଥ୍ୟ ଶିବିର



ମାଲକାନଗିରି, : ଆଜି ମାଲକାନଗିରି ପୌର ପରିଷଦ ଦ୍ୱାରା ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅନୁଷ୍ଠାନିକ ଭାବେ ପୌର ପରିଷଦ ମାଲକାନଗିରି ଅଧ୍ୟକ୍ଷ ମନୋଜ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବିଭିନ୍ନ ବିଭାଗର ଡାକ୍ତର ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୩୪୨ ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିବା ବେଳେ ୨୬୭ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ୧୦ ବସ୍ ପାସ୍, ଗୋଟିଏ ତିନି ଚକିଆ ସାଇକଲ ଓ ଗୋଟିଏ ହ୍ୱିଲ ଚେୟାର ପାଇଁ ଆବେଦନ କରିଥିଲେ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ କେ ଅଶୋକ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଓ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ କବିତା ମହନ୍ତ, ଶିଶୁ ରୋଗ ବିଶେଷଜ୍ଞ ଡ଼ା ଏସ କେ ମିଶ୍ର, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡ଼ା ସପନ କୁମାର ଡିଣ୍ଡା, ଚକ୍ଷୁ ବିଶେଷଜ୍ଞ ଡ଼ା ସଞ୍ଜୀବ କର, ଡା ଏମ ଏମ ହୁସେନ, ଡ଼ା ବାସନ୍ତୀ ହାଁସଦା, ଡ଼ା ରାଜୀବ ଲୋଚନ ପାଢ଼ୀ, ଡ଼ା ସମୀର ଗୋଲଦାର୍ ,ଆର ବି ଏସ କେ ମ୍ୟାନେଜର, ହରିବନ୍ଧୁ ଦେଶିଆନାୟକ,ଏସ ବି ଆଇ ଶାଖା ପରିଚାଳକ, ଅଜିତ କୁମାର ଆଚାର୍ଯ୍ୟ, ପୌର ପରିଷଦ ସାଂସଦ ପ୍ରତିନିଧି ବିଜୟ ମହାରଣା ଓ ବିଧାୟକ ପ୍ରତିନିଧି ରାହୁଲ ତାୱାରି ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ସାନିଟେଶନ ଏକ୍ସପର୍ଟ ଲିଙ୍ଗରାଜ ପାଳ ମଞ୍ଚ ପରିଚାଳନା କରିଥିଲେ। ଶିବିର ଆୟୋଜନ କରିବାରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅରୋବିନ୍ଦ ବିଶ୍ୱାସ, କମ୍ୟୁନିଟି ଓରଗାନାଇଜର ସୁନିତା କୁମାରୀଙ୍କ ସମେତ ପୌର ପରିଷଦ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମଚାରୀ ସହାୟତା କରିଥିଲେ।

# ବାଳିକା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦଯାପିତ



ଖଜୁରୀପଡା /କନ୍ଧମାଳ : କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ଶଙ୍କରାଖୋଲ ରେ ଥିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି ।ଉକ୍ତ କ୍ରୀଡା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ଅଧ୍ୟକ୍ଷତା କରିଥବା ବେଳେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜାନକୀ ପ୍ରଧାନ, ସମ୍ମାନୀତ ଅତିଥି ରୂପେ ନାଏବ ସରପଞ୍ଚ ମାଲେଶ୍ୱର କହଁର, ସ୍କୁଲ ସଭାପତି ନଳଦେବ କହଁର, ଶିକ୍ଷୟିତ୍ରୀ ରାଜଶ୍ରୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ । କ୍ରୀଡାକୁ ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଓ ଶିକ୍ଷକ ମନୋଜ କୁମାର ସାହୁ ପାରିଚାଳନା କରିଥିଲେ ।

## ସଂପାଦକୀୟ

# ମହାରାଣୀଙ୍କ ଅବସାନ

ବ୍ରିଟେନ୍ ବା ଇଂଲଣ୍ଡର ମହାରାଣୀ ଏଲିଜାବେଥ୍(ଦ୍ୱିତୀୟ)ଙ୍କର ଗୁରୁବାର ରାତିରେ ପରଲୋକ  ଫଳରେ ଗୋଟିଏ ଯୁଗର ଅବସାନ୍ ଘଟିଛି। ରାଜତନ୍ତ୍ର ପ୍ରଚଳିତ ଥିବା ଏହି ପାଶ୍ଚତ୍ୟ ରାଷ୍ଟ୍ରରେ ସର୍ବାଧିକ ସମୟ ଶାସନରେ ରହି ମହାରାଣୀ ଏଲିଜାବେଥ୍ ଏକ ଐତିହାସିକ ବ୍ୟକ୍ତିତ୍ୱରେ ପରିଣତ ହୋଇଥିଲେ। ସମ୍ଭବତଃ ବିଶ୍ୱର କୌଣସି ଶାସକ ବା ଶାସିକା ଦୀର୍ଘ ୭୦ ବର୍ଷ ଧରି ଏକାଦିକ୍ରମେ। ରାଷ୍ଟ୍ରମୁଖ୍ୟ ହେବାର ଗୌରବ ଅର୍ଜନ କରିନଥିଲେ, ଯାହା ମହାରାଣୀଙ୍କ ଭାଗ୍ୟରେ ଜୁଟିଥିଲା। ପରିଣତ ବୟସ ଅର୍ଥାତ୍ ୯୬ ବର୍ଷ ବୟସରେ ମହାରାଣୀ ଏଲିଜାବେଥ୍ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବିଶ୍ୱ ଇତିହାସର ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ଓ ତାଙ୍କରି ରାଜତ୍ୱ କାଳରେ ବ୍ରିଟେନ୍ ଏକ ସମୃଦ୍ଧି ତଥା ବିକଶିତ ଦେଶରୁ ଦୁର୍ବଳ ଓ ଶକ୍ତିହୀନ ଦେଶରେ ପରିଣତ ହୋଇଥିଲା। ୧୯୫୨ ମସିହାରେ ବ୍ରିଟେନର  ତତ୍କାଳୀନଶାସନ ରାଜା ଷଷ୍ଠ ଜର୍ଜଙ୍କ ବିୟୋଗ ପରେ କନ୍ୟା ଏଲିଜାବେଥ୍ ମାତ୍ର ୨୬ ବର୍ଷ ବୟସରେ ରାଜଗାଦିରେ ଅଭିଷିକ୍ତା ହୋଇଥିଲେ। ସେହିଦିନ ଠାରୁ ସେ ଆଉ ପଛକୁ ନ ଚାହିଁ ଦେଶର ସ୍ୱାମ୍ବିଧାନିକ ରାଷ୍ଟ୍ରମୁଖ୍ୟ ରୂପେ ଦାୟିତ୍ୱ ନିର୍ବାହ କରି ଚାଲିଥିଲେ। ଶାସନ କ୍ଷମତା ଗ୍ରହଣ କରିବା ପରେ ରାଣୀ ଏହି ଜାବେଥ୍ ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ବ୍ରିଟେନ୍‌ର ସମୃଦ୍ଧି ଦିଗରେ ବହୁ ଯୁକାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ଦୀର୍ଘ ୭୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଅନେକ ବଡ଼ ଘଟଣାର ସାମ୍ନା କରିବାକୁ ପଡ଼ିଥିଲା। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆର୍ଥିକ ଦୁଃସ୍ଥିତିର ମୁକାବିଲା ଠାରୁ ଆରମ୍ଭ କରି ଶୀତଳ ଯୁଦ୍ଧର ସମାପ୍ତି ଏବଂ ୟୁରୋପୀୟ ୟୁନିୟନରେ ବ୍ରିଟେନ୍‌ର ପ୍ରବେଶ ଓ ପ୍ରତ୍ୟାହାର ପର୍ଯ୍ୟନ୍ତ ସବୁକିଛି ଘଟଣା ତାଙ୍କ ରାଜ୍ୟତ୍ୱ କାଳରେ ହିଁ ଘଟିଥିଲା। ବ୍ରିଟେନ୍‌ର ରାଜତନ୍ତ୍ର ଇତିହାସରେ ପୂର୍ବକୁ ଆଉ ଜଣେ ଏଲିଜାବେଥ୍ ରାଜଗାଦିରେ ଅଧିଷ୍ଠିତା ହୋଇଥିଲେ ଓ ମହାରାଣୀ ଏଲିଜାବେଥ୍ (ପ୍ରଥମ) ରୂପେ ସେ ପରିଚିତା ଥିଲେ। ସେହି ଦୃଷ୍ଟିରୁ ୭୦ ବର୍ଷ ଶାସନ ଗାଦିରେ ରହି ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ମହାରାଣୀଙ୍କୁ ଦ୍ୱିତୀୟ ଏଲିଜାବେଥ୍ ଆଖ୍ୟା ଦିଆଯାଇଥିଲା। ଏହି ସୁଦୀର୍ଘ ଶାସକ କାଳରେ ସେ ପ୍ରାୟ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କ ସହିତ କାର୍ଯ୍ୟ କାରିବାର ସୁଯୋଗ ପାଇଥିଲେ। ଦେଶର ବିଚକ୍ଷଣ ରାଷ୍ଟ୍ରନାୟକ ତଥା ସୁଦକ୍ଷ ପ୍ରଧାନମନ୍ତ୍ରୀ ସାର୍ ଉଇନ୍‌ଷ୍ଟନ ଚର୍ଚ୍ଚିଲାଙ୍କ ଠାରୁ ଆରମ୍ଭ କରି ମାତ୍ର ତିନିଦିନ ପୂର୍ବେ ପ୍ରଧାନମନ୍ତ୍ରୀ ଗାଦିରେ ବସିଥିବା ୪୭ ବର୍ଷୀୟା ମହିଳା ଲିଜ୍ ଟ୍ରସ୍‌ଙ୍କୁ ମହାରାଣୀ ଶପଥ ପାଠ କରାଇ ଏକ ବିରଳ ରେକର୍ଡ଼ ସ୍ଥାପନ କରିଥିଲେ। ଗତବର୍ଷ ଏପ୍ରିଲ୍ ମାସରେ ମହାରାଣୀଙ୍କ ସ୍ୱାମୀ ପ୍ରିନ୍ସ ଫିଲପ୍‌ଙ୍କ ପରଲୋକ ଘଟିବା ପରେ ସେ ମାନସିକ ଓ ଶାରୀରିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ତଥାପି ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ତାଙ୍କୁ ଅନେକ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡୁଥିଲା। ରାଜତନ୍ତ୍ରର ପରମ୍ପିରା ଅନୁଯାୟୀ ମହାରାଣୀଙ୍କ ଜ୍ୟେଷ୍ଠ ପୁତ୍ର ୭୪ ବର୍ଷିୟ ଯୁବରାଜ ଚାଲସି ବ୍ରିଟେନ୍‌ର ପରବର୍ତ୍ତୀ ରାଜା ବା ଶାସକ ହେବାକୁ ଯାଉଛନ୍ତି। ଏକ ଐତିହାସିକ ଜୀବନର ପରିସମାପ୍ତି ଓ ନୂତନ ରାଜାଙ୍କ ଅଭିଷେକ ସମଗ୍ର ବିଶ୍ୱରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ ଓଡ଼ିଶା

**ଡାକ୍ତର କାନ୍ତୀ ନାୟକ**

ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଶିଶୁମୃତ୍ୟୁ ହାର ରୋକିବା ଦିଗରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ। ଦୀର୍ଘ ଦିନର ଅଧ୍ୟୟନ ପରେ ରାଜ୍ୟକୁ ମିଳିଛି ଏହି ସଫଳତା। ସେହିପରି ମାତୃମୃତ୍ୟୁହାର ରୋକିବା କ୍ଷେତ୍ରରେ ମଧ ରାଜ୍ୟକୁ ବିଶେଷ ସଫଳତା ମିଳିଛି। ମାତୃ ମୃତ୍ୟୁ ରୋକିବାରେ ଜାତୀୟ ହାର ଠାରୁ ଓଡ଼ିଶା ଆଗରେ ରହିଛି। ଏ କ୍ଷେତ୍ରରେ ଦେଶର ପ୍ରଥମ ପାଞ୍ଚୋଟି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ସେପଟେ ଓଡ଼ିଶା ବିରଳ ରୋଗର ଚିକିତ୍ସା ପାଇଁ ନିଜସ୍ୱ ମାର୍ଗଦର୍ଶିକା ପ୍ରସ୍ତୁତ କରିବ। ଏ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ହେବ ଓଡ଼ିଶା।

ଓଡ଼ିଶାରେ ଶିଶୁ ମୃତ୍ୟୁହାର ଉଦବେଗଜନକ ଥିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଂକଳ୍ପ ନେଇଥିଲେ। ଆଉ ଆଜି ଶିଶୁମୃତ୍ୟୁ ହାର କମାଇବାରେ ଓଡ଼ିଶା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି। ବିଭିନ୍ନ କ୍ଷେତ୍ରରେ ବିକାଶ ନେଇ ଓଡ଼ିଶା କ୍ରମାଗତ ସଫଳତା ପାଇଁ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏବେ ଶିଶୁମୃତ୍ୟୁ ରୋକିବାରେ ମଧ୍ୟ ଅଗ୍ରଣୀ ରାଜ୍ୟ ହୋଇଛି। ଓଡ଼ିଶା ଶିଶୁମୃତ୍ୟୁ ହାରରେ ୩୯ ପଏଣ୍ଟ ହ୍ରାସ କରିବାରେ ସଫଳ ହୋଇଛି। ୨୦୦୫ରୁ ୨୦୨୦ ମଧ୍ୟରେ ରାଜ୍ୟକୁ ଏହି ସଫଳତା ମିଳିଛି। ଏହି ସମୟ ମଧ୍ୟରେ ଏହା ସମଗ୍ର ଦେଶରେ ସର୍ବାଧିକ ହ୍ରାସ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ତ୍ତମାନ ରାଜ୍ୟର ଶିଶୁମୃତ୍ୟୁ ହାର ପ୍ରତି ଏକ ହଜାରରେ ୩୬କୁ ହ୍ରାସ ପାଇଛି।

ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ଦେଇଥିବା ତଥ୍ୟ ଅନୁସାରେ ୨୦୦୫ରୁ ୨୦୨୦ ମଧ୍ୟରେ ଓଡ଼ିଶାରେ ଶିଶୁମୃତ୍ୟୁ ହାର ସର୍ବାଧିକ ୩୯ ପଏଣ୍ଟ ହ୍ରାସ ପାଇଥିବା ବେଳେ ଏହାପଛକୁ ରାଜସ୍ଥାନ (୩୬), ଉତ୍ତରପ୍ରଦେଶ (୩୫), ବିହାର (୩୪), ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ସ ଜମ୍ମୁ କାଶ୍ମୀର (୩୩), ହିମାଚଳ ପ୍ରଦେଶ, ଆସାମ ଓ ହରିୟାନା (୩୨) ଅଛନ୍ତି। ଏହି ତାଲିକାରେ ମହାରାଷ୍ଟ୍ର, ଦିଲ୍ଲୀ, କେରଳ, ତାମିଲନାଡୁ, ପଞ୍ଜାବ, ଗୁଜୁରାଟ ଭଳି ରାଜ୍ୟ ବହୁ ପଛରେ ଅଛନ୍ତି। ଏହି ସମୟ ମଧ୍ୟରେ ଜାତୀୟସ୍ତରରେ ଶିଶୁମୃତ୍ୟୁ ହାର ୩୦ ପଏଣ୍ଟ ହ୍ରାସ ପାଇଛି। ଶିଶୁମୃତ୍ୟୁ ହାର ହ୍ରାସ କରିବା କିଛି କମ ଆହ୍ୱାନପୂର୍ଣ୍ଣ ନଥିଲା। ୨୦୦୧ରେ ପ୍ରତି ଏକ ହଜାର ପ୍ରସବରେ ୯୬ ଜଣ ଶିଶୁ ପ୍ରାଣ ହରାଉଥିଲେ। ପ୍ରସବ ପାଇଁ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତତ ଆଣିବା, ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆରମ୍ଭ କରିଥିଲେ। ତେବେ ସୁରକ୍ଷିତ ପ୍ରସବ ପରେ କିଛି ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କୁପୋଷଣ, ରୋଗ ବ୍ୟାଧିରୁ ଦୂରେଇ ରଖିବା କାମ ମଧ୍ୟ କିଛି କମ କଷ୍ଟକର ନଥିଲା। ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗର ମିଳିତ ପ୍ରୟାସ ଆରମ୍ଭ ହୋଇଥିଲା। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ଏଥିରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରାଯାଇଛି। ଶିଶୁଙ୍କଠାରେ ଓଜନ ହ୍ରାସ, କୁପୋଷଣ, ଉଚ୍ଚତା ହ୍ରାସ ଭଳି ସମସ୍ୟା ଦୂର ହେବା ଆରମ୍ଭ କରିଥିଲା। ଏଥିସହ ଶିଶୁଙ୍କର ନିୟମିତ ଟିକାକରଣକୁ ସୁନିଶ୍ଚିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ମାତୃ ଶିଶୁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଜନନୀ ଏକ୍ସପ୍ରେସ ବ୍ୟବସ୍ଥା ହୋଇଛି। ୨୦୦୫ରେ ଆରମ୍ଭ ହୋଇଥିବା ଜନନୀ ସୁରକ୍ଷା ଯୋଜନାରେ ଡାକ୍ତରଖାନା ପରିବହନ ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ଫଳରେ ଗର୍ଭବତୀ କିମ୍ବା ନବଜାତଙ୍କୁ ଡାକ୍ତରଖାନାରେ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇଛି। ଅପରିପକ୍ୱ ଶିଶୁ ଜନ୍ମ, ସଂକ୍ରମଣ, ଡାଇରିଆ, ଶ୍ୱାସଜନିତ ସମସ୍ୟା, କାମଳ ରୋଗରୁ ପିଲାଙ୍କୁ ସୁରକ୍ଷା ଦିଆଯାଉଛି।

**ମାତୃମୃତ୍ୟୁ ହାର ହ୍ରାସରେ ଓଡ଼ିଶାକୁ ସଫଳତା :**ଶିଶୁମୃତ୍ୟୁ ହାର ହ୍ରାସ କରିବାରେ ସଫଳତା ପାଇଥିବା ଓଡ଼ିଶାକୁ ମାତୃମୃତ୍ୟୁ ହାର କମାଇବାରେ ମଧ ସଫଳତା ମିଳିଛି। ଗତ ମେ ମାସରେ ପ୍ରକାଶିତ ସାମ୍ପୁଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ଅନୁସାରେ ଓଡ଼ିଶାରେ ମାତୃମୃତ୍ୟୁ ହାର ୧୪ ପଏଣ୍ଟ ହ୍ରାସ ପାଇଛି। ୨୦୧୭-୧୯ ମଧ୍ୟରେ ଏହି ସଫଳତା ମିଳିଛି। ଫଳରେ ଏକ ଲକ୍ଷ ପ୍ରସବରେ ମୃତ୍ୟୁସଂଖ୍ୟା ୧୩୬କୁ ହ୍ରାସ ପାଇଛି। ୨୦୧୬-୧୮ରେ ପ୍ରତି ଏକ ଲକ୍ଷରେ ୧୫୦ ମୃତ୍ୟୁ ହେଉଥିଲା। ଏମଏମଆର ହ୍ରାସ ତାଲିକାରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ସମ୍ବେଦନଶୀଳ ଗର୍ଭବତୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ସହିତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଇଣ୍ଟିଗ୍ରେଟେଡ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇ ଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତୀକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ମାତୃମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି। ଉତ୍ତରପ୍ରଦେଶ, ବିହାର, ପଞ୍ଜାବ, ରାଜସ୍ଥାନ ତାଲିକାର ଶୀର୍ଷରେ ରହିଛନ୍ତି। ପୂର୍ବାପେକ୍ଷା ଓଡ଼ିଶାରେ ଏମଏମଆର ୮.୫% ହ୍ରାସ ପାଇଛି। ଜାତୀୟ ସ୍ତରରେ ଏମଏମଆର ୧୦ ପଏଣ୍ଟ (୬.୫%) ହ୍ରାସ ପାଇଛି। ମାତୃମୃତ୍ୟୁ ପାଇଁ ପ୍ରସବ ସମୟରେ ଜଟିଳତା, ସଂକ୍ରମଣ ଏବଂ ଅସୁରକ୍ଷିତ ଗର୍ଭପାତ ଦାୟୀ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ହେଉଛି ଦୁଇ ବର୍ଷ ତଳର। ୨୦୧୯ ପରେ ଶିଶୁ ଓ ମାତୃ ସୁରକ୍ଷା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ବିଶେଷକରି ସବୁ ଡାକ୍ତରଖାନାରେ ମାତୃଶିଶୁ ଡାକ୍ତରଖାନା ପ୍ରତିଷ୍ଠା ସହିତ ଅନ୍ୟ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ଅଗମ୍ୟ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିବା ପ୍ରକ୍ରିୟା ପୂର୍ବାପେକ୍ଷା ତ୍ୱରାନ୍ୱିତ ହୋଇଛି। ତେଣୁ ଏବେ ଏମଏମଆର ଆହୁରି ହ୍ରାସ ପାଇଛି ବୋଲି କୁହାଯାଇଛି। ସରକାରୀ ଡାକ୍ତରଖାନାରେ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ବିନା ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଅତ୍ୟନ୍ତ ଜରୁରୀ ଓ ନିରାପଦ।

# ପାକିସ୍ତାନରେ ଉପୁଜିଥିବା ବନ୍ୟା ପରିସ୍ଥିତିର କାରଣ

**ଅସିତ ମହାନ୍ତି**

ନିକଟରେ ପାକିସ୍ତାନରେ ଉପୁଜିଥିବା ବନ୍ୟା ପରିସ୍ଥିତର ୩ଟି କାରଣ ସ୍ପଷ୍ଟ ହୋଇ ଯାଇଛି ,ପାକିସ୍ତାନରେ ହୋଇଥିବା ବନ୍ୟା ପରିସ୍ଥିତି ବିଷୟରେ କେତେଗୁଡିଏ ବିନ୍ଦୁ ଆଲୋଚନା କରିବାର ଆବଶ୍ୟକତା ରହିଛି। ୧ - ଏଥିପାଇଁ କିଏ ଦାୟୀ? ୨ - ପାକିସ୍ତାନ ଠାରୁ ଅନ୍ୟ ଦେଶମାନେ କ'ଣ ଶିକ୍ଷା ନେବା ଉଚିତ। ୩ - ପାକିସ୍ତାନରେ ଯାହା କିଛି ହେଉଛି ଏହା ବିଶ୍ୱ ପାଇଁ ଏକ ସତର୍କତାର ସୂଚନା। ସର୍ବପ୍ରଥମେ ପାକିସ୍ତାନ ବୁଡ଼ିଯିବାର କାରଣ ହେଉଛି ଜଳ, ଏବଂ ସ୍ଥିତିକୁ ଦେଖି ପାକିସ୍ତାନ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଏହି ବନ୍ୟାରେ ୩୩ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୧୧୦୦ ଜଣ ପ୍ରାଣ ହରାଇଛନ୍ତି। ୬୬ ଟି ଜିଲ୍ଲା ଏହି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛନ୍ତି। ୫୦୦୦ କିଲୋମିଟର ରାସ୍ତା ନଷ୍ଟ ହୋଇଯାଇଛି, ୧୦ ନିୟୁତ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ୭ ଲକ୍ଷ ପଶୁଙ୍କର ମୃତ୍ୟୁ ହୋଇଛି। ସବୁଠାରୁ ଅଧିକ ପ୍ରଭାବିତ ସହର ହେଉଛି ସିନ୍ଧ ପ୍ରଦେଶ, ପ୍ରାୟ ୪ ଲକ୍ଷ ଲୋକ ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ଏହାକୁ ୨୦୧୦ ମସିହାରେ ପାକିସ୍ତାନରେ ଘଟିଥିବା ବନ୍ୟା ସହିତ ତୁଳନା କରାଯାଉଛି ଯେଉଁଥିରେ ୨୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବଂ ଦେଶର ଏକ ପଞ୍ଚମାଂଶ ଭାଗ ଜଳ ଘେରରେ ଥିଲା, ବର୍ତ୍ତମାନ ବନ୍ୟାରେ ଏକ ତୃତୀୟାଂଶ ଭାଗ ଜଳ ଘେରରେ ଅଛି। ଏସବୁ କାହିଁକି ଘଟୁଛି ? ଯେଉଁମାନେ ପରିବେଶ ଉପରେ ନଜର ରଖନ୍ତି ସେମାନଙ୍କପାଇଁ ଏବିଷୟରେ ଚିନ୍ତା କରିବାର କିଛି ନାହିଁ। ଦୀର୍ଘକାଳୀନ ଗ୍ଲୋବାଲ ଜଳବାୟୁ ବିପଦ ସୂଚକାଙ୍କରେ ପାକିସ୍ତାନ ଅଷ୍ଟମ ସ୍ଥାନରେ ରହିଛି, ଅର୍ଥାତ୍ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ଦେଶ ପାକିସ୍ତାନ ଅଷ୍ଟମ ସ୍ଥାନରେ ରହିଛି। ଭାରତ ଶୀର୍ଷ ୨୦ରେ ଅଛି(ଭାରତ ମଧ୍ୟ ବିପଦରେ ରହିଛି) । ଏହି ବର୍ଷ କିଛି ମାସ ପୂର୍ବରୁ ୨୦୨୨ରେ ପାକିସ୍ତାନ ଭୟଙ୍କର ହିଟ୍ ୱେବ୍ ଏବଂ ମରୁଡି' ସ୍ଥିତି ଦେଇ ଗତି କରିଥିଲା। ସିନ୍ଧ ପ୍ରୋଭିନସର ଜାକୋବାବାଦ ରେ ତାପମାତ୍ରା ୫୧ ଡିଗ୍ରୀ ପର୍ଯ୍ୟନ୍ତ ଯାଇଥିଲା । ଠିକ ଏହି ପରିସ୍ଥିତି ପରେ ଏହି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏହି କାରଣରୁ ଜାତୀୟ ଜରୁରୀକାଳୀନ ପରିସ୍ଥିତି ପାକିସ୍ତାନରେ ଘୋଷଣା କରାଯାଇଛି । ଫଳସ୍ୱରୂପ ସମୁଦାୟ କ୍ଷତି ୧୦ ବିଲିଅନ ଡଲାର ଏବଂ ଏହି କ୍ଷତିର ପୁନରୁଦ୍ଧାର ପାଇଁ ଜଣା ନାହିଁ କେତେ ସମୟ ଲାଗିବ । ଏହି କ୍ଷତିର ପୁନରୁଦ୍ଧାର କରୁ କରୁ ପୁଣି ଆଉ ଏକ ପ୍ରାକୃତିକ ବିପଦ ଆସିଯାଇପାରେ । ଜାତିସଂଘର ସେକ୍ରେଟେରୀ ଜେନେରାଲ କହିଛନ୍ତି, ପାକିସ୍ତାନ ବନ୍ୟା ଷ୍ଟେରଏଡ ଉପରେ ମୌସୁମୀ ଅଟେ। ଗୁଟେରସ୍ ଆହୁରି ଜୋର ଦେଇ କହିଛନ୍ତି ଯେ, ଦକ୍ଷିଣ ଏସିଆ ହେଉଛି ଜଳବାୟୁ ସଙ୍କଟର ହଟସ୍ପଟ୍ ଏବଂ ଅନ୍ୟ ଅଞ୍ଚଳ ଅପେକ୍ଷା ଏହା ଅଧିକ ପ୍ରବୃତ୍ତ । ଆମେ ଭାବୁଥିଲୁ ଅପରାଧ ଅଧିକ ହେଲେ ଲୋକ ପ୍ରାଣ ହରାଇବେ, କିନ୍ତୁ ଜାତିସଂଘର ଆକଳନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ୧୫% ଅଧିକ ମୃତ୍ୟୁ ଘଟିବ। ତେଣୁ ସେ କୁହନ୍ତି, ''Let's stop sleep-walking towards the destruction of our planet by climate change."। ଆଜି ଏହା ପାକିସ୍ତାନ। ଆସନ୍ତାକାଲି ଏହା ଆପଣଙ୍କ ଦେଶରେ ମଧ ହୋଇପାରେ। ବର୍ତ୍ତମାନ ପାକିସ୍ତାନ କହୁଛି ଯେ ବିପର୍ଯ୍ୟୟ ସେମାନଙ୍କ ସୃଷ୍ଟି ନୁହେଁ ବିଶ୍ୱ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ସେମାନେ କେବଳ ୧% ନିର୍ଗମନ କରନ୍ତି । ବଡ ରାଷ୍ଟ୍ରଗୁଡିକ ବହୁ ଅଧିକ ନିର୍ଗମନ ସୃଷ୍ଟି କରନ୍ତି ଯାହା ପାକିସ୍ଥାନ ପରି ଛୋଟ ଦେଶ ଉପରେ ପ୍ରଭାବ ପକାଇଥାଏ । ପାକିସ୍ତାନ ଠିକ୍ କହୁଛି କି? କିମ୍ବା ପାକର କିଛି ଅଂଶରେ ମଧ କିଛି ଭୁଲ ଥିଲା। । ସର୍ବପ୍ରଥମେ ଆମକୁ ଗ୍ଲୋବାଲ୍ ଫ୍ୟାକ୍ଟର୍ ଦେଖିବାକୁ ପଡିବ: ଜଳବାୟୁ ପରିବର୍ତ୍ତନ ବନ୍ୟା ପରିସ୍ଥିତିରେ ଏକ ଭୂମିକା ଗ୍ରହଣ କରିଛି। ଏଥିରେ କୌଣସି ସନ୍ଦେହ ନାହିଁ। ଦ୍ୟୋଗିକ ଯୁଗ ଆରମ୍ଭ ହେବ ଦିନରୁ ବିଶ୍ୱରେ ୧.୨ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଛି । ତାହା ହିଁ ଗ୍ଲାସିଆଲ୍ ତରଳିବାର କାରଣରୁ ହୋଇଥାଏ । ପାକିସ୍ତାନରେ ୭୦୦୦ ଗ୍ଲେସିୟର ଅଛି - ଦୁନିଆରେ ସର୍ବାଧିକ ଗ୍ଲେସିୟର ଏହି ଦେଶରେ ଅଛି ଏବଂ ଏହା ତରଳିବା କାରଣରୁ ବନ୍ୟା ପରିସ୍ଥିତି ଦେଖାଦେଇଛି । ତେଣୁ ପାକିସ୍ତାନ ଏହି ପରିମାଣର ଅଧିକ ବନ୍ୟା ପରିସ୍ଥିତି ଆଗକୁ ଦେଖିବା। କାହିଁକି ? କାରଣ ଜଳବାୟୁ ପରିବର୍ତ୍ତନ ଗ୍ଲାସିଆଲ୍ ତରଳିବାକୁ ତ୍ୱରାନ୍ୱିତ କରିଛି ଏବଂ ଫ୍ରିଜ୍ ପାଇଁ ପର୍ଯ୍ୟାପ୍ତ ସମୟ ଦେଉନାହିଁ । ସେଥିପାଇଁ ଆସନ୍ତା ବର୍ଷରେ ଏହି ପ୍ରକାର ବନ୍ୟା ପରିସ୍ଥିତି ପାକିସ୍ତାନକୁ ଅଧିକ ପ୍ରଭାବିତ କରିବ। ଏହି ଚକ୍ର ଆରମ୍ଭ ହୋଇସାରିଛି ଏବଂ ଏହା ବନ୍ଦ ହେବ ନାହିଁ । ପ୍ୟାରିସ ଚୁକ୍ତିନାମା ଅନୁଯାୟୀ ଯଦି ଆମେ ତାପମାତ୍ରାରେ ପରିବର୍ତ୍ତନକୁ ମାତ୍ର ୧.୫ ଡିଗ୍ରୀ ମଧ୍ୟରେ ସୀମିତ କରିଥାଉ (ଏହା ଅସମ୍ଭବ) - ଏହା ଏକ ଅତ୍ୟଧିକ ଉଚ୍ଚାଭିଳାଷୀ ଏବଂ ଅସମ୍ଭବ ଲକ୍ଷ୍ୟ। ଏପରିକି ଗ୍ଲାସିଆଲ୍ ତରଳିବା ବନ୍ଦ କରିବା ପାଇଁ ତାହା ଯଥେଷ୍ଟ ହେବ ନାହିଁ । ପାକ୍ କହିଛି , ଧନୀ ଦେଶମାନେ ପରିବେଶ କ୍ଷତି ଦ୍ୱାରା ପ୍ରଭାବିତ ଗରିବ ଦେଶମାନଙ୍କୁ ସାହାଯ୍ୟ କରିବା ପାଇଁ ୧୦୦ ବିଲିଅନ୍ ଡଲାର ପ୍ରତିଶ୍ରୁତି ଦେଇଥିଲେ ଏବଂ ସେହି ସହାୟତା ପାଇଁ ପାକିସ୍ତାନ ଦାବି କରିଛି। ୟୁନାଇଟେଡ଼ କିଙ୍ଗଡମ ଲାଇଫ୍ ସପୋର୍ଟ ପ୍ୟାକେଜ୍ ରଉଣ୍ଡ ଆରମ୍ଭ କରିଛି ଏବଂ ୟୁକେ ସହାୟତା ୧୫ ମିଲିୟନ୍ ପାଉଣ୍ଡ ଜରୁରୀକାଳୀନ ସହାୟତା ପାକିସ୍ତାନକୁ ଦେଇଛି । ବର୍ତ୍ତମାନ ଦେଖିବା ଯେ ପାକିସ୍ତାନର କ'ଣ ଭୁଲ ରହିଛି ? ପାକ୍ ପାଇଁ ଅନ୍ୟ ଦୁଇଟି କ୍ଷେତ୍ର ଅଛି ଯାହା ତାପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଗୋଟିଏ ହେଉଛି, ଋଣ ତଳେ ବୁଡ଼ିଯିବା ଏବଂ ଅନ୍ୟଟି ପାଣି ତଳେ ବୁଡ଼ିଯିବା। ବାହ୍ୟ ତଥା ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ ଦ୍ୱାରା ପାକିସ୍ତାନ ଅର୍ଥନୀତି ପ୍ରଭାବିତ ହୋଇଛି। ଆଇଏମ୍‌ଏଫ୍ ୧ ବିଲିୟନ ଡଲାରର ପାଣ୍ଠିକୁ ଅନୁମୋଦନ କରିଛି। ଯଦି ଅନୁମୋଦନ ନହୁଏ ତେବେ ପାକିସ୍ତାନ ଋଣ ଉପରେ ଡିଫଲ୍ଟ ହେବ ଏବଂ ଶ୍ରୀଲଙ୍କା ପରି ସଙ୍କଟର ସମ୍ମୁଖୀନ ହେବ। ଆଇଏମ୍‌ଏଫ୍ ଅନୁଯାୟୀ ପାକିସ୍ତାନ ଆର୍ଥିକ ସଙ୍କଟର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି । ସେବା ଏବଂ ଦ୍ରବ୍ୟରେ ବ୍ୟାଘାତ, କ୍ରମାଗତ ମୂଲ୍ୟ ବୃଦ୍ଧି ତା'ର ଅର୍ଥନୀତିକୁ ଧ୍ୱଂଶ କରିଦେଇଛି। ଯଦି ଆମେ ମୂଲ୍ୟ ସୂଚକାଙ୍କ ବିଷୟରେ କହିବା, ସମ୍ବେଦନଶୀଳ ମୂଲ୍ୟ ସୂଚକାଙ୍କ ୪୪.୫୮% ରେକର୍ଡରେ ଅଧିକ । ତେଣୁ ସ୍କାଇ ରକେଟିଙ୍ଗ ମୁଦ୍ରାସ୍ଫୀତି ଚାଲିଛି । ପାକିସ୍ତାନରେ ଇତିହାସରେ ସମ୍ବେଦନଶୀଳ ମୂଲ୍ୟ ସୂଚକାଙ୍କ ସର୍ବାଧିକ ଏବଂ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ବହୁ ଉଚ୍ଚ ଅଟେ । ତେଲ, ପନିପରିବା, ଶସ୍ୟ ପରି ଦୈନିକ ବ୍ୟବହାର ଜିନିଷ - ସବୁକିଛି ମହଙ୍ଗା ହୋଇଛି - ଅତ୍ୟଧିକ ଉଚ୍ଚ ମୁଦ୍ରାସ୍ଫୀତି ଚାଲିଛି । ସେଥିପାଇଁ ଶ୍ରୀଲଙ୍କା ଭଳି ସଙ୍କଟ ପାକିସ୍ତାନରେ ହୋଇପାରେ । ୫୦୦ ଟଙ୍କା ପ୍ରତି କିଲୋଗ୍ରାମରେ କିଛି ପନିପରିବା ସେଠାରେ ବିକ୍ରି ହେଉଛି(ପାକ୍ ଅନ୍ୟମାନଙ୍କଠାରୁ ଆମଦାନୀ କରିବାକୁ ପଡିବ, ଭାରତରୁ ପିଆଜ ଆମଦାନୀ କରିପାରନ୍ତି, କିନ୍ତୁ ତଥାପି ଅନିଚ୍ଛା ଅଛି) । ପାକିସ୍ତାନର ଫୋରକ୍ସ ଭଣ୍ଡାର ୮.୨୪ ବିଲିୟନ ଡ଼ଲାରକୁ ଖସି ଆସିଛି, ଯେଉଁଠାରେ ପାକିସ୍ତାନ ଉପରେ ଋଣ ୨୫୦ ବିଲିୟନ ଡ଼ଲାରରୁ ଅଧିକ ଅଟେ । ଏହି ବିପୁଳ ପରିମାଣର ପାକିସ୍ତାନ କିପରି ଫେରସ୍ତ କରିବ? ଅର୍ଥାତ୍ ଋଣ ପରିଶୋଧ କରିବାକୁ ୬୦ ଟ୍ରିଲିୟନ୍ ପାକିସ୍ତାନୀ ଟଙ୍କା ଆବଶ୍ୟକ । ପାକ୍ ଏଫଏମ୍ ପୂର୍ବରୁ ପାକ୍ ଲୋକଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ସାରିଛନ୍ତି ଯେ 'ଖରାପ ଦିନ ଆଗକୁ ଆସୁଛି । ବିଦେଶୀ ଭଣ୍ଡାର ସଂରକ୍ଷଣ ପାଇଁ ଆମଦାନୀକୁ ରୋକିବା ପାଇଁ ପାକର ଅର୍ଥମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀ ନିଷେଧକୁ ମଧ ହଟାଇ ଦିଆଯାଇଛି କିନ୍ତୁ ତିନି ଗୁଣ ଅଧିକ ପଇସା ଲାଗୁ କରାଯିବ। ଏପରିକି ପାକିସ୍ତାନର ଏକ ମନ୍ତ୍ରୀ ଲୋକମାନଙ୍କୁ କହିଛନ୍ତି ଯେ, ଲୋକମାନେ ଯଦି ଦିଓ୍ୱାନ ୩ କପ ଚା' ପିଉଛନ୍ତି ତେବେ ତାକୁ କମ କରି ଏକ କପା କରନ୍ତୁ । କାରଣ ଆମେ ଯେଉଁ ଚା' ପିଉଛନ୍ତି ତାହା ବାହାରୁ ଆମଦାନୀ କରାଯାଉଛି । ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ମଧ ଅତ୍ୟନ୍ତ ରୋଷ ଅଛି । ଶେଷଟି ହେଉଛି ରାଜନୈତିକ ଶ୍ରେଣୀକୁ ଦାୟୀ କରିବାକୁ ପଡିବ - ପାକିସ୍ତାନ ବୁଡ଼ିଯିବାର ତୃତୀୟ କାରଣ? ଧର୍ମ ଏବଂ ଷଡଯନ୍ତ୍ର ଦ୍ୱାରା ପ୍ରେରିତ ଚରମ ରାଜନୀତି ଏହି ପରିସ୍ଥିତିକୁ ଜନ୍ମଦେଇଛି। ଅତୀତର କିଛି ଘଟଣା ଦର୍ଶାଉଛି ଯେ, ରାଜନୈତିକ ସଙ୍କଟ ମଧ୍ୟରେ ପାକିସ୍ତାନ ବୁଡ଼ି ଯାଉଛି। ମାର୍ଚ୍ଚରେ - ଇମ୍ରାନ ଖାନଙ୍କ ବିରୋଧରେ ନୋ କଂଫିଡେନ୍ସ ପ୍ରସ୍ତାବ ପାରିତ ହେଲା । ତା'ପରେ ବଡ଼ ରାଲିଗୁଡିକ ଦୃଶ୍ୟମାନ ହେଲା ଏବଂ ପରିଶେଷରେ ପ୍ରକାରଣ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲା । ଏପ୍ରିଲରେ ଇମ୍ରାନ ଖାନ ସରକାର ବହିଷ୍କୃତ ହୋଇଥିଲେ ଏବଂ ନୂତନ ସରକାର ଗଠନ କରାଯାଇଥିଲା।କିନ୍ତୁ ଏହା ପରେ କ'ଣ ହେଲା? ବିରୋଧୀ ଇମ୍ରାନ ଖାନଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ହଟାଇବାକୁ ଚାହୁଁଥିଲେ, ଏବଂ ତାଙ୍କୁ ହଟାଇ ଦିଗଲ । କିନ୍ତୁ ବିରୋଧୀ ମାନଙ୍କର ଯୋଜନା କ'ଣ ଥିଲା? କିଛି ନୁହେଁ । ତେଣୁ, ଇମ୍ରାନ ଖାନ ତୁରନ୍ତ ଏହାକୁ ବିରୋଧ କରି ପୁନର୍ବାର ନିର୍ବାଚନ ଚାହୁଁଥିଲେ। ଜୁନ୍ ତାଜା ଅଭିଯୋଗରେ ଇମ୍ରାନ ଖାନଙ୍କ ପତ୍ନୀ ଏବଂ ବନ୍ଧୁ କାର୍ଯ୍ୟକାଳ ମଧ୍ୟରେ ବିଲିୟନ କମାଇ କରିଥିଲେ ବୋଲି କୁହାଯାଇଥିଲା। ଆରୋପ ପ୍ରତ୍ୟାରୋପ ଜାରି ରହିଲା ଏବଂ ସେହି ସମୟରେ ପାକ୍ ଜେନେରାଲ୍ ବାଜଓ୍ୱା କହିଲେ ଯେ ସେନା ଏଥିରେ ହସ୍ତକ୍ଷେପ କରିବ ନାହିଁ, କାରଣ ଏହା ଗଣତନ୍ତ୍ର ପାଇଁ ଖରାପ ହେବ। ବର୍ତ୍ତମାନ ଗଣତନ୍ତ୍ର ସେଠାରେ ଅଛି, କିନ୍ତୁ ଅତ୍ୟନ୍ତ ଅସ୍ଥିର.. ଇମ୍ରାନ ଖାନ ସରକାରଙ୍କ ଉପରେ ଅଭିଯୋଗ ଜାରି ରଖିଛନ୍ତି। ପ୍ରାକୃତିକ ସଙ୍କଟ ମଧ୍ୟରେ ରାଜନୈତିକ ସଙ୍କଟ ବନ୍ଦ ହେଉନାହିଁ। ଏହିପରି ବ୍ଲେମ ଗେମ ଜାରି ରହିଛି, କିନ୍ତୁ ଲୋକମାନେ ଯନ୍ତ୍ରଣା ଭୋଗୁଛନ୍ତି । ଭାରତ ଏବଂ ଏସିଆ ଏଠାରୁ କ'ଣ ଶିଖିବେ? ଏକ ଛୋଟ କାହାଣୀ - ପ୍ରତ୍ୟେକ ଗ୍ରୀଷ୍ମ ସମୟରେ ଭାରତୀୟ ବୈ ଜ୍ଞାନିକମାନେ ହିମାଚଳ ପ୍ରଦେଶର ଏକ ଗ୍ଲେସିୟର୍ ଉପରକୁ ଚଢନ୍ତି ଯେଉଁଠାରେ ଏକ ଛୋଟ ଗ୍ଲେସିୟର୍ ଅଛି । ସେମାନେ ଗ୍ଲେସିୟରର ତାପମାତ୍ରା, ଏହାର ଗଠନ ଏବଂ ଅବସ୍ଥା ଅଧ୍ୟୟନ କରନ୍ତି। ଏହି ବର୍ଷ ହିମାଚଳ ପ୍ରଦେଶରେ ଗ୍ଲେସିୟର ଅତ୍ୟଧିକ ତରଳି ଯାଇଛି, ଏତେ ତରଳିଯାଇଛି ସେମାନଙ୍କର ରେକର୍ଡିଂ ଉପକରଣ ବୁଡ଼ିଗଲା ଏବଂ ପୁନରୁଦ୍ଧାର ହୋଇପାରିଲା ନାହିଁ । ତେଣୁ ସମଗ୍ର ଦକ୍ଷିଣ ପୂର୍ବ ଏସିଆ ପ୍ରଭାବିତ ହେବ । ବିଶ୍ୱ ବ୍ୟାଙ୍କର ଏକ ଅଧ୍ୟୟନ ଅନୁଯାୟୀ ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆର ୧.୫ ରୁ ୧.୭ ବିଲିୟନ ଲୋକ ଜଳ ଯୋଗାଣ ହ୍ରାସ ପାଇବାରେ ଅସୁରକ୍ଷିତ ହୋଇପାରନ୍ତି। ପ୍ରଥମେ ଆସିବ ବନ୍ୟା ପରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ । ପାକରେ ଦେଖାଯାଇଥିବା ଏହି ପରିବର୍ତ୍ତନ ସମଗ୍ର ଦକ୍ଷିଣ ପୂର୍ବ ଏସିଆରେ ପୁନରାବୃତ୍ତି ହୋଇପାରେ । ଅର୍ଥନୀତିକୁ ମଜବୁତ କରିବାକୁ ପଡିବ, ସେହି ସମୟରେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ପ୍ରଶାସନକୁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ପଡିବ ।

# ସତ୍‌ସଙ୍ଗର ଆହ୍ୱାନ - ବ୍ରହ୍ମାନନ୍ଦଂ ପରମ ସୁଖଦଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯୁଗଟା ଥିଲା ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନରେ କୀର୍ତ୍ତନର ଯୁଗ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ ଯାହା କରିଛନ୍ତି ତାଙ୍କର ସ୍ୱବୈଶିଷ୍ଟ୍ୟରେ ସେତେବେଳେ ତାହା ହୋଇଛି ଏକ ଅମାନବୀୟ ଅପୂର୍ବ ଅଭିବ୍ୟକ୍ତି। ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ - ସେ ସମୟରେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ, ସେହି ନିର୍ଜୀବ ପଲ୍ଲୀର ନିର୍ଜୀବ ଜନସାଧାରଣଙ୍କୁ ଅକୁଣ୍ଠ ଶ୍ରମ, ନିଷ୍ଠା ଓ କ୍ରମାଗତି ଭିତର ଦେଇ ତାଙ୍କର ଅପୂର୍ବ ସଙ୍ଗଠନ କୌଶଳ, ସେହି ଅଳ୍ପ ବୟସରେ ନୃତ୍ୟରେ, ଗୀତରେ, କୀର୍ତ୍ତନରେ, ଗୀତିନାଟ୍ୟ ଲେଖି, ଯାତ୍ରାଦଳ ପ୍ରସ୍ତୁତ କରି ସମସ୍ତଙ୍କୁ ପ୍ରୀତିପୂର୍ଣ୍ଣ ଭଲ ପାଇବା ବିତରଣରେ ସଂହତ କରି ତୋଳି ଧିରେ ଧିରେ ସୁସ୍ଥ ଓ ସ୍ୱସ୍ଥ ମାନବରେ ରୂପାନ୍ତରିତ କରିବା - ଏହା ତାଙ୍କର ଅଲୌକିକ ଓ ଅମାନବୀୟ ପ୍ରତିଭାର ନିଦର୍ଶନ। ତାଙ୍କର ଯୌବନର ଅପରୂପ ରୂପ ନେଇ ଭାବବିହ୍ୱଳ ଅବସ୍ଥାରେ, ଭଲପାଇବାର ତୀବ୍ର ଉନ୍ମାଦନାରେ, ତାଙ୍କର ଅନନୁକରଣୀୟ ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛଳ ପ୍ରାଚୁର୍ଯ୍ୟରେ କେତେବେଳେ ଦୁଇ-ବାହୁ ତୋଳି ପ୍ରେମାନନ୍ଦରେ ନାଚି-କୁଦି ସମସ୍ତଙ୍କୁ ଆପଣାଭୋଳା କରି ତୋଳୁଥିଲେ। କେତେବେଳେ ଅବା ଉତ୍ତାଳ ଭାବରେ ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ। ଗୋଟାଏ ଖୁବ୍ ହାଇଭୋଲଟ୍‌ର ବୈଦ୍ୟୁତିକ ଯନ୍ତ୍ରର ସାନ୍ନିଧ୍ୟରେ ତଡ଼ିତ୍‌ର ଯେ ତୀବ୍ର କ୍ଷେତ୍ର ରଚିତ ହୁଏ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଚତୁଃପାର୍ଶ୍ୱରେ ସେହି ସମୟରେ ଏପରି ଏକ ତୀବ୍ର ତଡ଼ିତ୍ କ୍ଷେତ୍ର ରଚିତ ହେଉଥିଲା - ଯେ କେହି ଆସୁ ନା କାହିଁକି ତାହା ସେ ପ୍ରାଣ ଦେଇ ଅନୁଭବ କରୁଥିଲା - ଏକ ଅନନୁଭୂତ ଶିହରଣରେ ତାହାର ଦେହମନ ପୁଲକିତ ହୋଇ ଉଠୁଥିଲା। ସେତେବେଳେ ବହୁ ଉଭଟ ଉଭଟ ଘଟଣା ସବୁ ମଧ ଘଟୁଥିଲା। କେତେବେଳେ କୀର୍ତ୍ତନ କରୁ କରୁ ସଦଳବଳେ ଯେତେବେଳେ ନୃତ୍ୟରେ ମତୁଆଲା ହୋଇ ଚାଲୁଥିଲେ, ସେତେବେଳେ ତାଙ୍କର ଦୁଇ ପାର୍ଶ୍ୱସ୍ଥ ବୃକ୍ଷଗୁଡ଼ିକ ଝୁଙ୍କି ଝୁଙ୍କି ପଡୁଥିଲା - କମ୍ପି କମ୍ପି ଉଠୁଥିଲା। ପୋକ ସବୁ ଆସି ଟସ୍ ଟସ୍ କରି କେଉଁ ଗଭୀର ଆକର୍ଷଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଦେହରେ ଲାଗି ରହୁଥିଲେ, - ମଣିଷ ତ ଦୂରର କଥା, ଗୋରୁ, କୁକୁର ପର୍ଯ୍ୟନ୍ତ ଆତ୍ମହରା ହୋଇ ଉନ୍ମାଦନାରେ ଦୌଡ଼ିଆସି ତାଙ୍କୁ ଘେରି ରହୁଥିଲେ।

ସେ ଯୁଗର ସବୁ କିଛି ଥିଲା ଅଦ୍‌ଭୁତ - ପ୍ରାଣର ସେ ଅମୃତ ଉଚ୍ଛ୍ୱାସ ଯିଏ ନ ଦେଖିଛି ତାକୁ ବୁଝାଇବା ଅସମ୍ଭବ। ଏହିପରି ଭାବାବେଶରେ କୀର୍ତ୍ତନ କରୁ କରୁ ସମୟ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କର ଗୋଟାଏ ଅଦ୍‌ଭୁତ ଅବସ୍ଥା ହେଉଥିଲା। କୀର୍ତ୍ତନରେ ନାଚୁ ନାଚୁ ମଧ୍ୟେ ମଧ୍ୟେ ସେ ବାହ୍ୟଜ୍ଞାନଶୂନ୍ୟ ଅବସ୍ଥାରେ ମାଟିରେ ପଡ଼ି ଯାଉଥିଲେ - ସମସ୍ତ ଶରୀରଟି ଅବଶ ହୋଇ ପଡୁଥିଲା। ସେତେବେଳେ ତାଙ୍କର ସେହି ଦିବ୍ୟ ଶରୀର ବିଚିତ୍ର ଛନ୍ଦରେ ହଲଚଲ ହୋଇ ଉଠୁଥିଲା। ମଝିରେ ମଝିରେ ବହୁପ୍ରକାର ଆସନ ଓ ମୁଦ୍ରାଦି ହେଉଥାଏ। ସେ ଏକ ଅଦ୍‌ଭୁତ ରକମର, କେହି କେବେ କଳ୍ପନା ମଧ୍ୟ କରି ନପାରନ୍ତି। ଶରୀରରେ ହାଡ଼ ନଥିଲେ ଯେପରି ହୁଏ ସେହିପରି ହୁଏ। କେତେ ଭଙ୍ଗୀ ହିଁ ଯେ ହେଉଥିଲା ତାହାର କୌଣସି ଠିକଣା ନଥିଲା। କେବେ ବା କୁର୍ମାସନ, କେବେ ବା ପଦ୍ମାସନ, କେବେ କେବେ ବୀରାସନ ଓ ରାଜାସନ ଏହିପରି ଶତାଧିକ ଆସନ ଆପଣାଛାଏଁ ଅପୂର୍ବ କ୍ଷିପ୍ରତାରେ ହୋଇ ଯାଉଥିଲା - କେବେ ବା ପାଦର ବୃଦ୍ଧାଙ୍ଗୁଷ୍ଠି ଉପରେ କେବଳ ସମସ୍ତ ଶରୀର ଭାର କରି ଅପୂର୍ବ ଭଙ୍ଗିମାରେ ଶୂନ୍ୟରେ ଅବସ୍ଥାନ କରିଛି, କେବେ ବା କଚ୍ଛପ ପରି ହାତଗୋଡ଼ ସବୁ ଶରୀର ମଧ୍ୟରେ ପଶିଯାଇଛି। କେବେ ବା ଭାକୁଡ଼ ମାଛ ପରି ସମସ୍ତ ଶରୀରଟି ସ୍ଥଳ ଉପରେ ଡେଉଁଛି। ଲୋକେ ତାହା ଦେଖି ବିସ୍ମିତ, ଭୀତ, ସ୍ତମ୍ଭିତ ଓ ବ୍ୟଥିତ ହୋଇ ଉଠନ୍ତି। ଜୀବନରେ ଶ୍ରୀ ଶ୍ରୀ ଠାକୁର କଦାପି ନିଜେ କୌଣସି ଆସନ ବା ମୁଦ୍ରାଦିର ଅଭ୍ୟାସ ନକଲେ ମଧ୍ୟ ତାଙ୍କର ଶରୀରର ଉପରେ ଏପରି ଆସନ ଓ ମୁଦ୍ରାର ଢେଉ ମଝିରେ ମଝିରେ ବହି ଯାଉଥିଲା - ଏହା ଆଜି ପର୍ଯ୍ୟନ୍ତ ଗୋଟାଏ ଦୁର୍ଭେଦ୍ୟ ବିସ୍ମୟ, ଅମୀମାଂସିତ ରହସ୍ୟ ହିଁ ରହିଗଲା। କେହି କହନ୍ତି ପ୍ରକୃତିରେ ସ୍ଥୁଳଦେହରେ ଚରମ ତତ୍ତ୍ୱର ଅବତରଣ ଯେତେବେଳେ ହୁଏ ସେତେବେଳେ ଏହିପରି ମଜ୍ଜାରେ ମଜ୍ଜାରେ ଗୋଟାଏ ଅପୂର୍ବ ଆଲୋଡ଼ନ ଚାଲୁଥାଏ। ଏହି ଅଭୂତପୂର୍ବ ମହାଭାବାବସ୍ଥାରେ ବିଶ୍ୱ ରହସ୍ୟର ଗଭୀରତତ୍ତ୍ୱପୂର୍ଣ୍ଣ ଅପୂର୍ବ ବାଣୀ ସମୂହ ତାଙ୍କର କଣ୍ଠରୁ ବାହାରି ଆସୁଥିଲା - ଏହି ମହାରହସ୍ୟମୟ ଘଟଣା କିପରି କରି ଯେ ସମ୍ଭବ ହେଉଥିଲା, ତାହା ବୁଦ୍ଧି-ରାଜ୍ୟରେ ଧରାଦିଏ ନାହିଁ - ବିଜ୍ଞାନ ଆଜି ମଧ ତାହା ବ୍ୟାଖ୍ୟା କରିପାରେ ନା। ଇତିହାସରେ ସମାଧି ବା ଭାବାବସ୍ଥାର କିଛି କିଛି ପରିଚୟ ଆମ୍ଭେମାନେ ପାଉ। ମହାପୁରୁଷମାନଙ୍କର ଜୀବନୀ ପୁଙ୍ଖାନୁପୁଙ୍ଖ ରୂପେ ଅନୁଧାବନ କଲେ, ଶ୍ରୀକୃଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ଦେବଙ୍କର ଯେ ନାନା ଭାବସମାଧି ମଧ୍ୟରୁ ତାହାର ବିବରଣୀ ଆମ୍ଭେମାନେ ପାଉ; କିନ୍ତୁ ସମ୍ପୂର୍ଣ୍ଣ ବହିଃଚେତନାଶୂନ୍ୟ, ହୃତ୍‌ସ୍ପନ୍ଦନ ବିହୀନ ଅବସ୍ଥାରେ ଏତେ ଗଭୀର ତତ୍ତ୍ୱପୂର୍ଣ୍ଣ କଥା ଅନର୍ଗଳ କହି ଚାଲିବା - ଏହା ଗୋଟିଏ ଏପରି ନୂତନ ଜିନିଷ, ଯାହାର ପରିଚୟ ମଣିଷ ଇତିହାସରେ କଦାପି ଲାଭ କରିନାହିଁ।

# ପାର୍କିଂରୁ ମାଲିକ ସହ ସ୍କୁଟରକୁ ଉଠାଇନେଲା କ୍ରେନ୍



ଦେଶର ଅନେକ ସହରରେ ଗାଡି ପାର୍କିଂ ଏକ ବଡ ସମସ୍ୟା। ଅନେକ ଥର ଲୋମାନେ ନିଜ ଗାଡି ବା ବାଇକକୁ ପାର୍କ କରିବା ପାଇଁ ସଠିକ୍ ସ୍ଥାନ ପାଇନଥାନ୍ତି। ଏଭଳି କ୍ଷେତ୍ରରେ ଅନେକ ଲୋକ ନିଜ ଗାଡିକୁ ରାସ୍ତା କଡରେ ପାର୍କ୍ କରିଦିଅନ୍ତି। କିନ୍ତୁ ନୋ ପାର୍କିଂରେ ଥିବା ଯୋଗୁଁ ପୋଲିସ ତାଙ୍କ ଗାଡିକୁ ଉଠାଇ ନେଇଥାଏ। ନିକଟରେ ଏମିତି ଏକ ମାମଲା ସାମ୍ନାକୁ ଆସିଛି ଯେତେବେଳେ ଏକ ସ୍କୁଟରକୁ ନୋ ପାର୍କିଂ ଜୋନରୁ ଉଠାଇଥିବା ପୋଲିସ ଗାଡିର ମାଲିକକୁ ମଧ୍ୟ ନେଇଯାଇଛି। ଏହି ଘଟଣାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ନାଗପୁରର ବୋଲି କୁହାଯାଉଛି। ଟ୍ରାଫିକ୍ ପୋଲିସ କ୍ରେନ୍ ଜରିଆରେ ଏକ ସ୍କୁଟରକୁ ନୋ-ପାର୍କିଂ ଜୋନରୁ ଉଠାଉଛି। ତେବେ ମଜା କଥା ହେଉଛି ଏହି ସ୍କୁଟର ଉପରେ ସେହି ସମୟରେ ସ୍କୁଟର ଚାଳକ ମଧ୍ୟ ବସିଛନ୍ତି। ସୂଚନା ଅନୁସାରେ ଏହି ସ୍କୁଟର ନାଗପୁରର ଏକ ବଜାରରେ ନୋ ପାର୍କିଂ ଜୋନରେ ପାର୍କ ହୋଇଥିଲା। ଯେତେବେଳେ ପୋଲିସ ଏହି ସ୍କୁଟର ଉଠାଇବାକୁ ଆସିଲା ସେତେବେଳେ ସ୍କୁଟର ମାଲିକ ଗାଡି ଉପରେ ବସିପଡିଲେ। ତେଣୁ ଗାଡି ସହିତ ମାଲିକକୁ ମଧ୍ୟ କ୍ରେନ୍ ଜରିଆରେ ଉଠାଇନେଲା ପୋଲିସ। ଏହି ଦୃଶ୍ୟ ଦେଖି ସେଠାରେ ଲୋକ ଭିଡ ଜମାଇଲେ। ତେବେ କେହି ଜଣେ ଏହି ଦୃଶ୍ୟକୁ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ପୋଷ୍ଟ କରିଦେଲା। ଏହାକୁ ଏପର୍ଯ୍ୟନ୍ତ ୮୦ ହଜାରରୁ ଅଧିକ ଲୋକ ଦେଖିସାରିଲେଣି।

# ‘କିସି କା ଭାଇ, କିସି କି ଜାନ୍’ରେ ସଲମାନଙ୍କ ସହ ସେ ସ୍କ୍ରିନ୍ ସେୟାର କରିବେ ଶେହନାଜ୍



ଗୋଟିଏ ନୁହେଁ, ଦୁଇ ଦୁଇଟି ବିଗ୍-ଟିକେଟ୍ ବଲିଉଡ୍ ଫିଲ୍ମରେ ନଜର ଆସିବେ ‘ବିଗ୍ ବସ୍-୧୩’ ଫେମ୍ ଶେହନାଜ୍ ଗିଲ୍। ଫିଲ୍ମ ‘କିସି କା ଭାଇ, କିସି କି ଜାନ୍’ରେ ସଲମାନ ଖାନ୍‌ଙ୍କ ସହ ସେ ପ୍ରଥମ ଥର ସ୍କ୍ରିନ୍ ସେୟାର କରିବେ। ଆଉ ଏକ ପ୍ରୋଜେକ୍ଟରେ ଜନ୍ ଆବ୍ରାହମ୍, ରିତେଶ ଦେଶମୁଖ ଓ ନୋରା ଫତେହିଙ୍କ ସହ ତାଙ୍କୁ ଦେଖିବାକୁ ପାଇବେ ସିନେପ୍ରେମୀ। ନିକଟରେ ମୁମ୍ବାଇରେ ଆୟୋଜିତ ଫିଲ୍ମଫେୟାର ଆୱାର୍ଡସରେ ରେଡ୍ କାର୍ପେଟ୍‌ରେ ନଜର ଆସିଥିଲେ ଶେହନାଜ୍। ଏ ଅବସରରେ ଏକ ଗଣମାଧ୍ୟମକୁ ସେ କହିଥିଲେ, ପୂର୍ବରୁ ଲୋକେ ତାଙ୍କର ମଜା ଉଡ଼ାଉଥିଲେ। ଏବେ ତାଙ୍କ କାମକୁ ପ୍ରଶଂସା କରୁଛନ୍ତି। ସମୟ ପରିବର୍ତ୍ତନ ହୁଏ। ସମସ୍ତେ ନିଜର ଭାଗ୍ୟ ନେଇ ଆସିଥାନ୍ତି ଏବଂ ସେମାନଙ୍କ ହିସାବରେ ସମୟ ବଦଳିଯାଏ। ତେଣୁ କାହା ଉପରେ କଦାପି ଟିପ୍ପଣୀ ଦିଅନାହିଁ କିମ୍ବା ସେମାନଙ୍କ ବିଷୟରେ ନକାରାତ୍ମକ କମେଣ୍ଟ ଦିଅନାହିଁ। ଏହା ତୁମ ଉପରକୁ ଫେରିପାରେ।’ ଖୁବ୍‌ଶୀଘ୍ର ବଲିଉଡ୍‌ରେ ପାଦ ଥାପିବା ବିଷୟରେ ଶେହନାଜ୍ କହିଛନ୍ତି ‘ଏବେ ମୁଁ ଏହି ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଛି ଏବଂ ଏଠାରେ ରହିବାକୁ ଚାହୁଁଛି। ମୋ ମତରେ, ବ୍ୟକ୍ତି ସର୍ବଦା ପ୍ରାକୃତିକ ରହିବା ଉଚିତ। ଯଦି ତୁମେ ପ୍ରାକୃତିକ ଓ ନିଷ୍ଠାବାନ ରହିବ, ଲୋକେ ତୁମ ସହ କାମ କରିବେ। ୨ଟି ଅପ୍‌କମିଙ୍ଗ ଫିଲ୍ମ ବିଷୟରେ ସେ କହିଛନ୍ତି ‘ସଲମାନ ଖାନ୍ ଜଣେ ବଡ଼ ଷ୍ଟାର। ସେ ମୋତେ ଏହି ସୁଯୋଗ ଦେଇଛନ୍ତି। ସେ ମୋ ପାଇଁ ଦ୍ୱାର ଖୋଲି ଦେଇଛନ୍ତି। ଅନ୍ୟ ଏକ ଫିଲ୍ମ ପାଇଁ ସାଜିଦ ଖାନ୍‌ଙ୍କୁ ଧନ୍ୟବାଦ। ଫିଲ୍ମରେ ମୁଁ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରୁଛି।’ ଦୀର୍ଘ ସମୟ ଧରି ପଞ୍ଜାବ୍‌ର କ୍ୟାଟ୍ରିନା କୈଫ୍ ନାମରେ ପରିଚିତ ଥିବା ଶେହନାଜ୍ ଏହି ଟ୍ୟାଗ୍‌ରୁ ସବୁଦିନ ପାଇଁ ଦୂରେଇ ରହିବାକୁ ଚାହାଁନ୍ତି। କାରଣ ଶେହନାଜ୍ ଗିଲ୍ ଭାବେ ନିଜର ପରିଚୟ ସେ ପାଇବାକୁ ଚାହୁଁଛନ୍ତି। କ୍ୟାଟ୍ରିନା କୈଫ୍‌ଙ୍କୁ ସେ ଖୁବ୍ ଭଲପାଆନ୍ତି। କିନ୍ତୁ ନିଜ ନାଁରେ ପରିଚିତି ପାଇବାକୁ ସେ ଚାହାନ୍ତି।

# ଡେଲିଭରୀ ବୟ ଖାଇଦେଲେ ଖାଦ୍ୟ




ଜଣେ ବ୍ୟକ୍ତି ଅନଲାଇନ୍ ଚିକେନ୍ ୱିଙ୍ଗ୍ସ ମଗାଇ ଥିଲେ। ଡେଲିଭରୀ ପରେ ଯେବେ ସେ ପ୍ୟାକେଟ୍ ଖୋଲିଲେ ସେ ଆଶ୍ଚର୍ଯ୍ୟ ହୋଇଗଲେ। ସେହି ପ୍ୟାକେଟ୍‌ରେ କେବଳ ଖାଇ ସାରିବା ପରେ ଚୋବା ଯାଇଥିବା ହାଡ଼ ରଖା ଯାଇଥିଲା। ଖାଦ୍ୟ କିଛି ନଥିଲା। ଏମିତି ଲାଗୁ ଥିଲା କି, ଏହାକୁ କିଏ ଖାଇ ପୁଣି ପ୍ୟାକ୍ କରି ଦେଇଛି। ବ୍ୟକ୍ତିଙ୍କୁ ପ୍ୟାକେଟ୍ ସହ ଏକ ଚିଠି ବି ମିଳିଥିଲା। ଚିଠିରେ କ୍ଷମା ପ୍ରାର୍ଥନା ପତ୍ରଟିଏ ଥିଲା। ଏହି ଚିଠି ଡେଲିଭରୀ ବୟ ଲେଖିଥିଲେ। ଚିଠିରେ ଲେଖା ଥିଲା – ମୁଁ ବହୁତ ଭୋକିଲା ଥିଲି, ଆଉ ପୂରା ଭାଙ୍ଗି ପଡ଼ିଥିଲି। ଏଥିପାଇଁ ଆପଣଙ୍କ ଅର୍ଡର ଖାଦ୍ୟ ଖାଇଦେଇଛି। ଏହା ଭାବିନେବେ ଯେ ମୋ ଖାଇବା ପାଇଁ ଆପଣ ଟଙ୍କା ଦେଇଛନ୍ତି। ମୁଁ ଏହି ଜବ୍‌କୁ ଏବେ ଛାଡ଼ିବାକୁ ଯାଉଛି। ଖାଦ୍ୟ ଅର୍ଡର କରିଥିବା ବ୍ୟକ୍ତି ଜଣଙ୍କ ଏହି ବିଷୟରେ ଟିକଟକ୍‌ରେ ଏକ ଭିଡ଼ିଓ ଜାରି କରି କହିଛନ୍ତି। ଭିଡ଼ିଓରେ ବ୍ୟକ୍ତି ଜଣଙ୍କ କହିଛନ୍ତି – ମୋତେ ଏବେ କଣ କରିବା ଉଚିତ କିଛି ବୁଝିପାରୁନି। ମୁଁ ଆଉ ଥରେ ଅର୍ଡର କରିବାକୁ ଯାଉଛି। ପରେ ଏହି ବ୍ୟକ୍ତି ନିଜେ କମେଣ୍ଟ କରି କହିଥିଲେ କି ସେ କମ୍ପାନୀର କଷ୍ଟମର କେୟାରକୁ ଫୋନ କରିଥିଲେ। ତାଙ୍କୁ ଏହି ଅର୍ଡର ଉପରେ ରିଫଣ୍ଡ ଓ କ୍ରେଡିଟ୍ ମିଳି ଯାଇଛି।

# ଡାଟା ସେଫ୍ଟି ପାଇଁ ବଡ଼ ବିପଦ ସାଜୁଛି ୟୁଏସ୍‌ବି

ନୂଆ ରିପୋର୍ଟରେ ସାମ୍ନାକୁ ଏକ ତଥ୍ୟ ଆସିଛି କି ଅଧାରୁ ଅଧିକ ସାଇବର ଥ୍ରେଟ୍ସ ଏଭଳି ଡିଜାଇନ୍ କରାଯାଇଛି ଯେଉଁଥିରେ ଖାସ୍ ରୂପେ ପ୍ରସ୍ତୁତ କରାଯାଇଥିବା ରିମୁଭେବଲ ମିଡିଆ ବ୍ୟବହାର କରାଯାଏ। ସାମ୍ନାକୁ ଆସିଛି କି ୨୦୨୧ ତୁଳନାରେ ଚଳିତ ବର୍ଷ ବିପଦର ଆଶଙ୍କା ବଢିଛି ଏବଂ ଇଣ୍ଡଷ୍ଟ୍ରିଜକୁ ଏହି ଦିଗରେ ଜରୁରି ପଦକ୍ଷେପ ଉଠାଇବା ଜରୁରି। ‘୨୦୨୨ ହନିୱେଲ ଇଣ୍ଡଷ୍ଟ୍ରିଜ୍ ସାଇବର ସିକ୍ୟୋରିଟି ୟୁଏସ୍‌ବି ଥ୍ରେଟ୍ ରିପୋର୍ଟ’ ଅନୁସାରେ ୟୁଏସ୍‌ବି ସହିତ ଜଡିତ ମାଲୱେୟାର ଏବଂ ବିପଦ ତୀବ୍ର ଗତିରେ ବଢୁଥିବା ଇଣ୍ଡଷ୍ଟ୍ରିର ଲୋକଙ୍କ ଚିନ୍ତା ବଢାଉଛି। ରିପୋର୍ଟରେ କୁହାଯାଇଛି କି ଚଳିତବର୍ଷ ୫୨% ସାଇବର ଆଶଙ୍କାରେ ଖାସ୍ ରୂପେ ଡିଜାଇନ୍ କରାଯାଇଥିବା ରିମୁଭେବଲ ମିଡିଆର ବ୍ୟବହାର କରାଯାଇଛି। ୨୦୨୧ରେ ଏହି ଆକଳନ ୩୨ ପ୍ରତିଶତ ଥିଲା ଏବଂ ଏବେ ଏହା ବୃଦ୍ଧି ପାଉଥିବା ନଜର ଆସୁଛି। ଚତୁର୍ଥ ବର୍ଷ ସେୟାର କରାଯାଇଥିବା ରିପୋର୍ଟରେ କରାଯାଇଥିବା ରିମୋଟ୍ ଆକ୍ସେସ ସହିତ ଜଡିତ କ୍ୟାପାସିଟି ବିଶିଷ୍ଟ ଥ୍ରେଟ୍ସ ପ୍ରାୟ ୫୧ ପ୍ରତିଶତ ମାମଲାରେ ସାମ୍ନାକୁ ଆସିଛି। ସେହିଭଳି ଖାସ୍ ରୂପେ ଇଣ୍ଡଷ୍ଟ୍ରିଆଲ୍ କଣ୍ଟ୍ରୋଲ ସିଷ୍ଟମକୁ ଟାର୍ଗେଟ୍ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଥ୍ରେଡ୍ସର ସଂଖ୍ୟା ମଧ୍ୟ ଗତ କିଛି ବର୍ଷ ତୁଳନାରେ ବଢିଛି। ଏଭଳି କ୍ଷେତ୍ରରେ ଇଣ୍ଡଷ୍ଟ୍ରିଜ୍ ପାଇଁ ଅତିରିକ୍ତ ସୁରକ୍ଷାସ୍ତରକୁ ସେହି ସିଷ୍ଟମର ଅଂଶ ହେବା ଜରୁରି ହୋଇଯାଏ। ହନିୱେଲ କନେକ୍ଟେଡ୍ ଇଣ୍ଟରପ୍ରାଇଜ୍ ସାଇବର ସିକ୍ୟୁରିଟିଜର ଭାଇସ୍ ପ୍ରେସିଡେଣ୍ଟ ଏଣ୍ଡ ଜେନେରାଲ୍ ମ୍ୟାନେଜର ଜେଫ୍ ଜିଣ୍ଡଲ କୁହନ୍ତି କି ‘ବିରୋଧୀ ଜାଣିଶୁଣି ରିମୁଭେବଲ ମିଡିଆର ବ୍ୟବହାର ଆରମ୍ଭ ଆଟାକ୍ ପାଇଁ କରିଥାନ୍ତି। କାରଣ ଏହା ସାହାଯ୍ୟରେ ରିମୋର୍ଟ କନେକ୍ଟିଭିଟି, ଡାଟା ଚୋରି ଏବଂ ସିଷ୍ଟମକୁ କମାଣ୍ଡ ଦେବା ବା କଣ୍ଟ୍ରୋଲ କରିବା ଭଳି ଫାଇଦା ମିଳିଯାଏ।’ ସେ କହିଛନ୍ତି କି ‘ଏହା ସ୍ପଷ୍ଟ ହୋଇସାରିଛି କି ୟୁଏସବି ରିମୁଭେବଲ ମିଡିଆର ବ୍ୟବହାର ଇଣ୍ଡଷ୍ଟ୍ରିଜକୁ କ୍ଷତି କରିବା ପାଇଁ କରାଯାଉଛି।’ ତେଣୁ ସବୁବେଳେ ଜରୁରି କି ଭରସାଯୋଗ୍ୟ ରିମୁଭେବଲ ମିଡିଆ ବା ୟୁଏସବି ଡ୍ରାଇଭକୁ ହିଁ ସିଷ୍ଟମରେ କନେକ୍ଟ କରାଯାଉ। ଗତ ଦିନମାନଙ୍କରେ ୟୁଏସବି ଚାର୍ଜିଂ କେବଲ୍ସ ସାହାଯ୍ୟରେ ମଧ୍ୟ ଡାଟା ଚୋରି ଏବଂ ହ୍ୟାକିଂ ଭଳି ମାମଲା ସାମ୍ନାକୁ ଆସିସାରିଛି। ତେଣୁ ଅଜଣା ୟୁଏସବି ଡ୍ରାଇଭ୍ ବା କେବଲ୍ସ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ।



# ସାଇକେଲକୁ ବେକରେ ନେଇ ଦୌଡ଼ିଲା ଷଣ୍ଢ



ଆପଣ ଜୀବଜନ୍ତୁଙ୍କୁ ସଡ଼କରେ ବୁଲିବାର ଓ ଉତ୍ପାତ କରିବାର ଦେଖିଥିବେ। ହେଲେ କେବେ କୌଣସି ପଶୁକୁ କିଛି ଜିନିଷ ଉଠାଇ ଦୌଡ଼ିବାର ଦେଖିନଥିବେ। ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ଭିଡ଼ିଓରେ କିଛି ଏମିତି ଦେଖିବାକୁ ମିଳିଛି । ବହରାଇଚ୍‌ରେ ୩ଦିନ ପୂର୍ବେ ଏକ ଷଣ୍ଢକୁ ସଡ଼କରେ ଦେଖିବାକୁ ମିଳିଥିଲା। ଯାହାର ବେକରେ ଏକ ସାଇକେଲ ପଶି ରହିଥିଲା। ଷଣ୍ଢ ସାଇକେଲଟିକୁ ନେଇ ସଡ଼କରେ ଦୌଡୁଥିବାର ଦେଖିବାକୁ ମିଳୁଥିଲା। ଏହାକୁ ଲୋକେ ଭିଡ଼ିଓ କରି ଭାଇରାଲ କରିଥିଲେ। ଉକ୍ତ ମାମଲାଟି ବହରାଇଚ ଜିଲ୍ଲାର ଗ୍ରାମ ପଞ୍ଚାୟତ ଅଲିନଗରର ଅଟେ। ଏଠାରେ ରହୁଥିବା ବାବୁ ରାମ ଯାଦବ ପୁତ୍ର ଚେତରାମ ଦୁଇ ତିନ ଦିନ ପୂର୍ବେ ପଶୁଙ୍କର ଚାରା ସୁରକ୍ଷିତ ରଖିବା ପାଇଁ ତା ଉପରେ ନିଜର ସାଇକେଲ ରଖି ଦେଇଥିଲେ। ରାତିରେ ହଠାତ୍ ଏକ ଷଣ୍ଢ ସବୁଜ ଚାରା ଖାଇବାକୁ ପଶିଗଲା। ଚାରା ଦେଖି ଷଣ୍ଢ ସାଇକେଲର ମଝିରେ ନିଜର ମୁହଁ ପୂରାଇ ଖାଇବାକୁ ଲାଗିଲା। ଯେବେ ସେ ମୁଣ୍ଡ ବାହାର କଲା ତ ସାଇକେଲ ଫ୍ରେମ୍ ତାର ବେକରେ ଅଟକି ରହିଲା। ଏହାପରେ ଷଣ୍ଢ ତାକୁ ଧରି ଏପଟେ ସେପଟ ଦୌଡ଼ିବାକୁ ଲାଗିଲା। ଏହା ଦେଖି ଲୋକେ ଭିଡ଼ିଓ କରିଥିଲେ। ଏହି ଘଟଣାର ସୂଚନା ପାଇଁ ସ୍ଥାନୀୟ ଥାନାର ଦୁଇ ଜଣ ପୋଲିସ୍ ଆସି ଅନେକ ଚେଷ୍ଟା କରି ବି ଷଣ୍ଢର ବେକରୁ ସାଇକେଲକୁ ବାହାର କରିପାରି ନଥିଲେ।

# ବିପଜ୍ଜନକ ସ୍ଥିତିରେ ମହାକାଶ କେନ୍ଦ୍ର



ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ନେଇ ରୁଷ ଯାହା କହିଛି, ତାହା ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ମହାକାଶ କେନ୍ଦ୍ର ସମ୍ପ୍ରତି ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି ଏବଂ ସେଠାରେ ଥିବା ଗବେଷକଙ୍କ ଜୀବନ ଅସୁରକ୍ଷିତ ବୋଲି ରୁଷ ମତ ଦେଇଛି। ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସହିତ ଶତ୍ରୁତା ବୃଦ୍ଧିପାଇବା ପରେ ରୁଷ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ଓହରି ଯିବାକୁ ପ୍ରାୟ ମାସକ ତଳେ ଘୋଷଣା କରିଥିଲା। ଏବେ ରୁଷ ମହାକାଶ ସଂସ୍ଥା ରସ୍‌କସମସ୍ ମୁଖ୍ୟ ୟୁରି ବୋରିସୋଭ କହିଛନ୍ତି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଏକାଧିକ ଉପକରଣ ଅଚଳ ହୋଇପଡ଼ିଛି ଏବଂ ଏହାର ଯନ୍ତ୍ରାଂଶ ବହୁ ପୁରାତନ ହେଲାଣି। ଫଳରେ ଏହି ଉଡନ୍ତା ଗବେଷଣା କେନ୍ଦ୍ରରେ ଥିବା ଗବେଷକ, ବୈଜ୍ଞାନିକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସୂଚନାଯୋଗ୍ୟ ଯେ ୟୁକ୍ରେନ ଯୁଦ୍ଧ ପରେ ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ରୁଷ୍ ? ବିରୋଧରେ ଏକାଧିକ କଟକଣା ଲଗାଇବା ପରେ ରୁଷ ତାହାର ନିଜସ୍ୱ ଏକ ଉଡନ୍ତା ମହାକାଶ କେନ୍ଦ୍ର ସ୍ଥାପନ ସକାଶେ ଘୋଷଣା କରିଥିଲା। ୨୦୨୪ ପରବର୍ତ୍ତୀ କୌଣସି ସମୟରେ ଏହା ନୂଆ ମହାକାଶ କେନ୍ଦ୍ର ସ୍ଥାପନ କରିବ। ତେବେ ତାହା ପୂର୍ବରୁ ବର୍ତ୍ତମାନ ମହାକାଶରେ ଥିବା ଗବେଷଣା କେନ୍ଦ୍ରରେ ଉଭୟ ରୁଷ ଓ ଆମେରିକୀୟଙ୍କ ସମେତ ଅନ୍ୟ ରାଷ୍ଟ୍ରର ବୈଜ୍ଞାନିକ ଓ ଗବେଷକ ରହି ଗବେଷଣା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ବୈଷୟିକ ଦୃଷ୍ଟିକୋଣରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର (ଆଇଏସଏସ୍) ତାହାର ସମସ୍ତ ୱାରାଣ୍ଟି ଅବଧି ଟପିସାରିଛି। ଫଳରେ ଏହା ବିପଜ୍ଜନକ ପରିସ୍ଥିତିରେ ପହଞ୍ଚିଛି। ଏହାର ଏକାଧିକ ଯନ୍ତ୍ରାଂଶ ଅକାମି ହୋଇପଡ଼ିବା ସହିତ ମହାକାଶ କେନ୍ଦ୍ରରେ ଫାଟ ଦେଖିବାକୁ ମିଳିଛି। ରୁଷ ସେଠାରୁ ନିଜ ବୈଜ୍ଞାନିକ ଓ ଗବେଷକଙ୍କୁ ଫେରାଇ ଆଣି ନୂତନ ମହାକାଶ କେନ୍ଦ୍ରରେ ନିୟୋଜିତ କରିବ। ଏହି ନୂଆ ମହାକାଶ କେନ୍ଦ୍ର ପୃଥିବୀ ଉପରିସ୍ଥ କକ୍ଷପଥରେ ମେରୁ ଅଞ୍ଚଳକୁ ପ୍ରଦକ୍ଷିଣ କରିବ। ଫଳରେ ଏହା ମହାକାଶରୁ ହେଉଥିବା ବିକିରଣ ସମ୍ପର୍କିତ ତଥ୍ୟ ସଂଗ୍ରହ ସହିତ ରୁଷର ବିଶାଳ ଭୂଭାଗର ଅଧିକରୁ ଅଧିକ ଅଞ୍ଚଳ ଉପରେ ନଜର ରଖିପାରିବ। ଏହା ଚୀନ ସମେତ ରୁଷ୍‌ର ବନ୍ଧୁ ରାଷ୍ଟ୍ରଗୁଡିକ ନିମନ୍ତେ ଉନ୍ମୁକ୍ତ ରହିବ ବୋଲି ବୋରିସୋଭ କହିଛନ୍ତି। ଇତିମଧ୍ୟରେ ଚୀନ ତାହାର ନିଜସ୍ୱ ମହାକାଶ କେନ୍ଦ୍ର ନିର୍ମାଣ ପ୍ରକ୍ରିୟା ଜାରି ରଖିଛି ଏବଂ ଏହା ଆଗାମୀ କିଛିମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯିବ।

### ସମ୍ବଲପୁର 'ଶ୍ରୀକୃଷ୍ଣ ଗୌଶାଳା'ର ୧୨୫ତମ ସ୍ଥାପନା ଦିବସରେ କେନ୍ଦ୍ରମନ୍ତ୍ରୀ

# ଗୋ ମାତା ହେଉଛନ୍ତି ସୁଖ ଓ ସ୍ୱାସ୍ଥ୍ୟର ଆଧାର - ଧର୍ମେନ୍ଦ୍ର ପ୍ରଧାନ



ପୋଡାପାଲି/ସମ୍ବଲପୁର, ଜାନୁଆରୀ ୨୩ – ସନାତନୀ ହିନ୍ଦୁ ସମାଜର ଆସ୍ଥାର ପ୍ରତୀକ ହେଉଛନ୍ତି ଗୋ ମାତା । ମାନବ ସମାଜକୁ ଗୋ ମାତାର ଅବଦାନ ଅନେକ । ଗୋ ମାତା ସୁଖ ଓ ସ୍ୱାସ୍ଥ୍ୟର ଆଧାର ବୋଲି ବୁଧବାର ସମ୍ବଲପୁର ଜିଲ୍ଲା ପୋଡାପାଲି ସ୍ଥିତ 'ଶ୍ରୀକୃଷ୍ଣ ଗୌଶାଳା' ଅନୁଷ୍ଠାନର ୧୨୫ତମ ସ୍ଥାପନା ଦିବସ ଅବସରରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ଅବସରରେ ଶ୍ରୀକୃଷ୍ଣ ଗୌଶାଳା ପରିସରରେ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜନ ସହ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହରେ ସାମିଲ ହୋଇଥିଲେ । ଆଜିର ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗୋସେବା କରି ସୌଭାଗ୍ୟ ଲାଭ କରିଥିବା କହିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ, ଗୋ ମାତାର ଲାଳନପାଳନ ସହ ସେମାନଙ୍କ ସୁରକ୍ଷା ଦିଗରେ 'ଶ୍ରୀ କୃଷ୍ଣ ଗୌଶାଳା' ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ । ୧୯୦୦ ମସିହାରେ ଜଣେ ବଦାନ୍ୟ ବ୍ୟକ୍ତି ଏହି ଗୋଶାଳା ପାଇଁ ୬୦ ଏକର ଜମି ଦେଇଥିଲେ । ସେ ସମୟର ସ୍ଥିତିକୁ ଦେଖିଲେ ଏପରି ବଦାନ୍ୟତା ସମସ୍ତଙ୍କ ପାଖରେ ଦେଖିବାକୁ ମିଳେନାହିଁ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗୋ ମାତା ଆମ ପରିବାରର ସୁଖ ଓ ସମୃଦ୍ଧିର ଆଧାର । ଗୋସେବା କେବଳ ସାମାଜିକ ଏବଂ ଆଧ୍ୟାତ୍ମିକ ବିଷୟ ନୁହେଁ, ଏହା ଆର୍ଥିକ, ପରିବେଶ ସୁରକ୍ଷା, ସାଂସ୍କୃତିକ ବିଷୟ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂସ୍କାରରେ ଗୋ ସେବା ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ ଥିଲା । ଓଡ଼ିଶା ସାମାଜିକ ଜୀବନରେ ଗୋମାତା ପ୍ରତି ଅନନ୍ୟ ସମ୍ପର୍କ ରହିଛି । ଗୋ ସମ୍ପଦର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ । ଆମ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତି ମାଧ୍ୟମରେ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଧୁନିକ ଶିକ୍ଷା ପ୍ରଦାନ କରାଯାଉଛି । ଜାତୀୟ ଶିକ୍ଷା ନୀତି ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଉତ୍ତରଦାୟୀ, ଭଳି ୫ଟି ସ୍ତମ୍ଭ ଉପରେ ପ୍ରସ୍ତୁତ ହୋଇଛି । ରାଜ୍ୟରେ ସ୍କୁଲରୁ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ୧ କୋଟି ଛାତ୍ରଛାତ୍ରୀ ଅଛନ୍ତି । ଏହି ୧ କୋଟି ଛାତ୍ରଶକ୍ତିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି ବୋଲି ସେ କହିଥିଲେ ।

## ବରିଷ୍ଠ କିରାଣୀଙ୍କ ବିୟୋଗରେ ଶୋକ



ଜଗତପୁର ୨୩/୧ (ନି.ପ୍ର): ଜଗତପୁର ୪୮ ନମ୍ବର ୱାର୍ଡ ଅନ୍ତର୍ଗତ ବଉଳେଇସାହି ନିବାସୀ ଭାବଗ୍ରାହୀ ପ୍ରଧାନ(୭୨)ଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେ କିଛି ଦିନ ଧରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୁଖ୍ୟତଃ କିଡୀନ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ବଡ଼ିରେ ସେ ଶିକ୍ଷା ବିଭାଗର ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିଲେ । ସ୍ୱର୍ଗତ ପ୍ରଧାନ ଜଣେ ଶାନ୍ତ, ସରଳ ଓ ପ୍ରକୃତିପ୍ରେମୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗ ଖବର ପାଇ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, କଟକ-ଚୌଦ୍ୱାର ବିକାଶ ପରିଷଦର ସଭାପତି ମାନସ ପରିଡା, ଅବସରପ୍ରାପ୍ତ ପୋଲିସ ଡିଏସ୍‌ପି କୈଳାସ ମହାନ୍ତି, ବଉଳେଇସାହି ଗଣେଶ କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ପ୍ରଧାନଙ୍କ ବାସଭବନରେ ପହଞ୍ଚି ମରଶରୀରକୁ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ମାନସ, କନିଷ୍ଠପୁତ୍ର ସନ୍ତୋଷ, ପୁତ୍ରବଧୂ, ଝିଅଜ୍ୱାଇଁ, ନାତି ନାତୁଣୀ,ଜ୍ଞାତିକୁଟୁମ୍ବ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ମଧ୍ୟମ ପୁତ୍ର ଦେବାଶିଷ ମୁଖାଗ୍ନି ପ୍ରଦାନ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ

ବାଲୁଗାଁ ୨୩/୧ (ନି.ପ୍ର): ବୁଧବାର ଦିନ ଚିଲିକା ବ୍ଲକ ଅନ୍ତର୍ଗତ ଗଇନଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ସମାରୋହ ରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ।ଛାତ୍ରଛାତ୍ରୀ ମାନେ ନିଜ ଅଞ୍ଚଳରେ ସୁବିଧାରେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ଲକ୍ଷ୍ୟ ରଖାଯାଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଦଶମ ପରୀକ୍ଷା ସମୟରେ ଛାତ୍ରଛାତ୍ରୀ ମାନେ ବିଶେଷ କରି ମାନସିକ ଚାପ ରେ ରହିଥାନ୍ତି, ଏଥିପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ବିଭିନ୍ନ ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' ନାମରେ ଆଲୋଚନା କରି ଛାତ୍ରଛାତ୍ରୀ ମାନଙ୍କର ମନୋବଳ କୁ ଦୃଢ଼ କରିଛନ୍ତି।ଛାତ୍ରଛାତ୍ରୀ ମାନେ ହେଉଛନ୍ତି 'ବିକଶିତ ଓଡ଼ିଶା' ର ଭବିଷ୍ୟତ।ଶୃଙ୍ଖଳିତ ଭାବରେ ଶିକ୍ଷା ଗ୍ରହଣ କରି ସମାଜରେ ପ୍ରତିଷ୍ଠିତ ହେବା ସହ ରାଷ୍ଟ୍ର ଗଠନରେ ସହାୟକ ହେବା ସହିତ ବିଦ୍ୟାଳୟ ଜୀବନ ର ପ୍ରତ୍ୟେକ ଟି ମୂହୁର୍ତ୍ତକୁ ସୁଖଦ ମୂହୁର୍ତ୍ତ ହେଉ ବୋଲି ମାନସିକତା ରଖିବା ପାଇଁ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ବିଡ଼ିଓ ହଳଧର ଶବର, ବ୍ଲକ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଦାଶ ଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ଥିଲେ।



## ଦିବ୍ୟାଙ୍ଗ ଲକ୍ଷ୍ମଣ ଙ୍କୁ ମିଳିଲା ଆଶା ବାଡି



ତେନ୍ତୁଳିଖୁଣ୍ଟି ୨୩/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଆଉଁଳିଗୁମ୍ମା ଗ୍ରାମ ର ତେପନ ବର୍ଷୀୟ ଲକ୍ଷ୍ମଣ ଙ୍କ ଗୋଟିଏ ଗୋଡ ଓ ଗୋଟିଏ ହାତ ପିଆଟି ଦିନରୁ ଅକ୍ଷମ ହୋଇ ଯାଇଥିଲା। ସେ ଏଥିରେ ଭାଙ୍ଗି ନ ପଡ଼ି ନିଜ ଜୀବନ ସଂଘର୍ଷ ଜାରି ରଖିଥିଲେ । କେବେ କାହାରି ଉପରେ ନିର୍ଭର ନ କରି ଏକ ବାଉଁଶ ବାଡି ସାହାରା ରେ ଯାତାୟାତ କରନ୍ତି। ଏପରିକି ଗାଈ ଚରାଇବା ଓ କାଠ କାଟିବା ମଧ୍ୟ ନିଜେ କରନ୍ତି। ଆଜି ବିଡ଼ିଓ ମନୋଜ ପାଣିଗ୍ରାହୀ ତାଙ୍କୁ ଗୋଟିଏ ବାଉଁଶ ଭରା ରେ ଯାଉଥିବା ଦେଖି ତାଙ୍କ ସହ କଥାବାର୍ତ୍ତା କରିବା ପରେ ନିଜେ ଯାଉଥିବା ଗାଡ଼ିରେ ତାଙ୍କୁ ବସାଇ ନେଇ ବି ଏସ ଏସ ଓ ରବୀନ୍ଦ୍ର ସାହୁ ଙ୍କୁ ନିର୍ଦ୍ଦେଶ ଦେଇ ଗୋଟିଏ ଆଶା ବାଡି ପ୍ରଦାନ କରିଛନ୍ତି। ଆଗାମୀ ଭୀମ ଭୋଇ ଭିନ୍ନକ୍ଷମ ଶିବିର ରେ ତାଙ୍କୁ ଅଶି ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ଆସିବାକୁ କହିଥିଲେ। ଲକ୍ଷ୍ମଣ ଗଣ୍ଡା ଙ୍କର ଅନ୍ତୋଦୟ କାର୍ଡ ରହିଛି ,ଆଗାମୀ ଦିନ ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବା ବ୍ୟବସ୍ଥା କରିବେ ବୋଲି କହିଥିଲେ। ଲକ୍ଷ୍ମଣ ଖୁସି ପ୍ରକଟ କରିବା ସହ ଆଶିର୍ବାଦ ପ୍ରଦାନ କରିଥିଲେ ବିଡ଼ିଓ ଙ୍କୁ। ବିଡ଼ିଓ ପୁଣି ନିଜେ ଚଢୁଥିବା ଗାଡ଼ି ରେ ତା ଘରେ ଛାଡ଼ିଥିଲେ।

## ନୋଡାଲ ସରକାରୀ ସଦାଶିବ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ



ତେନ୍ତୁଳିଖୁଣ୍ଟି ୨୩/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ନୋଡାଲ ସରକାରୀ ସଦାଶିବ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲିଳାଧର ସତନାମି ଙ୍କ ସଭାପତିତ୍ୱ ରେ ବିଦ୍ୟାଳୟ ଖେଳ ପଡିଆ ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ କରାଯାଇଛି । ଏହି କାର୍ଯ୍ୟ କ୍ରମ ରେ ସ୍ଥାନୀୟ ଦିଗି ପଞ୍ଚାୟତ ସରପଞ୍ଚ କିଶୋର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ବିଦ୍ୟାଳୟ ପରିଚାଳନାକମିଟି ସଭାପତି ସତ୍ୟ ନାରାୟଣ ବିଷୋୟୀ, ବରିଷ୍ଠ ନାଗରିକ ପିତାମ୍ବର ପଣ୍ଡା, ସଦାଶିବ ବିଷୋୟୀ, ପଙ୍କଜ ସାହୁ, ଉମା ସଙ୍କର ପାଢ଼ୀ ପ୍ରମୂଖ ମଞ୍ଚାସିନ ଥିଲେ। କାର୍ଯ୍ୟ କ୍ରମ କୁ ସହକାରୀ ଶିକ୍ଷୟତ୍ରୀ ସୁସବିତା ମେରିଲିନା ତୁରୁକ ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀ ଙ୍କୁ ଦୌଡ, ଲଙ୍ଗ ଜମ୍ପ, ହାଇ ଯାମ୍ପ, ସଟପୁଟ ଓ ଡିସ୍କସ ପ୍ରତିଯୋଗୀତା ହୋଇଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ତ୍ରୀପାଠୀ, ପୃଥ୍ୱିରଜ୍ ସାହୁ, ସସ୍ମିତା ସୁନା, ମୋନାଲିସା ମହାନ୍ତି ଓ ଅମରେଶ ଗିରୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଗୁରୁଜନଙ୍କୁ ପ୍ରଣାମ ଆମ ଶିକ୍ଷା ଓ ସଂସ୍କୃତିର ମହାନ ଶକ୍ତି;ଡଃ ଦିଗମ୍ବର ଗିରି



ମୟୂରଭଞ୍ଜ ୨୩/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଏସ୍‌ଏସ୍ଡି ହେସେଲପାଟାରେ ବାର୍ଷିକ ଉତ୍ସବ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାଇରଙ୍ଗପୁରର ଜ୍ଞାନେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଜାମଦା ବିଡ଼ିଓ ଦେବାଶିଷ ପଣ୍ଡା ଉଚ୍ଚକୋଟୀର ମନ୍ତବ୍ୟ ଶିକ୍ଷା ଓ ବାର୍ଷିକ ଉତ୍ସବ ଉପରେ ପ୍ରଦାନ କରିଥିଲେ ।ମୁଖ୍ୟବକ୍ତା ଭାବରେ ଓଡ଼ିଆ ପ୍ରଧାପକ ଡଃ ଦିଗମ୍ବର ଗିରି(ଆଇରନ ମହାବିଦ୍ୟାଳୟ ଗୋରୁମହିଷାଣୀ)ଉପସ୍ଥିତ ରହି ଶିକ୍ଷା ଉପରେ ଆଲୋକପାତ୍ କରିଥିଲେ ।କହିଥିଲେ ଯେ ଗୁରୁଜନଙ୍କୁ ପ୍ରଣାମ ଆମ ଶିକ୍ଷା ସଂସ୍କୃତିର ମହାନ ଶକ୍ତି,ଶିକ୍ଷା-ସଂସ୍କୃତି-ଐତିହ ଆମ ଶିକ୍ଷା ପଦ୍ଧତିର ମୌଳିକ ଅଙ୍ଗ,ଭାଷା-ସଂସ୍କୃତି ଓ ପରମ୍ପରା ଆମ ମୌଳିକ ଚେତାନାକୁ ଉଜ୍ଜିବୀତ କରିଥାଏ ବୋଲି ଡକ୍ଟର ଦିଗମ୍ବର ଗିରି ଦର୍ଶାଇଥିଲେ ।ସମ୍ମାନୀୟ ଅତିଥି ଗୋଷ୍ଠୀ କୃଷି ଅଧିକାରୀ ଜାନଦାର ଶୁଭଲକ୍ଷ୍ମୀ ଦାଶ ବକ୍ତବ୍ୟରେ ସରଳ ଭାବରେ ବୁଝାଇଥିଲେ କାକ ସ୍ନାନ,ବକ ଧ୍ୟାନ,ସ୍ୱାନ ନିଦ୍ରା,ଅଳ୍ପାହାରୀ,ଗୃହତ୍ୟାଗୀ ଏହି ପାଞ୍ଚ ଲକ୍ଷଣକୁ ପାଥେୟ କରି ବିଦ୍ୟାର୍ଥୀ ଅଗ୍ରସର ହେବା ଉଚିତ୍ ।ବିଦ୍ୟାର୍ଥୀ ଦେଶର ଭବିଷ୍ୟତ ।ସୁନ୍ଦର ସମାଜ ଗଠନ ରେ ବିଦ୍ୟାର୍ଥୀଙ୍କର ଅପ୍ରମିତ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ।ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ,ଉପଜିଲ୍ଲାପାଳ କାର୍ଯ୍ୟାଳୟ ରାଇରଙ୍ଗପୁରର କମଳାକାନ୍ତ ସ୍ୱାଇଁ,ଏବିଇଓ ଜାମଦାର ଅଭିରାମ ନାୟକ,ପୂର୍ବତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାପାତ୍ର,ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜରିଲାଲ ସୋରେନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଉପରେ ଏବଂ ପ୍ରବକ୍ତାମାନେ ବିଦ୍ୟାଳୟରେ ନୀତିଶିକ୍ଷା, ଗାନ୍ଧୀବାଦ ଓ ମୌଳିକ ଶିକ୍ଷା ଉପରେ ଏବଂ ଛାତ୍ରଛାତ୍ରୀ,ଅଭିଭାବକ ଅଭିଭାବିକା ଙ୍କୁ ପିଲାଙ୍କ ଶୈକ୍ଷିକ ସ୍ତର ବୃଦ୍ଧି ର ବିଭିନ୍ନ କୌଶଳ ଉପରେ ଅନେକ ଉପାଦେୟ କଥା ଆଲୋକପାତ କରିଥିଲେ ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଜାମଦା ସରକାରୀ ବିଦ୍ୟାଳୟର ଗୌରୀ ଶଙ୍କର ସ ବକ୍ତବ୍ୟରେ କହିଥିଲେ ଯେ ଆନନ୍ଦଦାୟକ ଅସାଧାରଣ ଅନୁଭୂତି ଓ ଉଚ୍ଚାଭିଳାଷ ବିନା ଜୀବନଟା ଯେ ନିରସ ଓ ଫମ୍ପା ଏ କଥା ସମସ୍ତଙ୍କୁ ଜଣା। ତେଣୁ ଯେକୌଣସି ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା। ଶିକ୍ଷା ଦ୍ୱାରା ଲୋକଶକ୍ତିକୁ ଅଧିକ କ୍ରିୟାଶୀଳ କରିହୁଏ। ୟୁଏସ୍‌ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ବାର୍ତ୍ତା ମାଧ୍ୟମରେ ଜଣାଇଥିଲେ ଯେଶ୍ରେଣୀକକ୍ଷରୁ ହିଁ ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ କରିହୁଏ ତେଣୁ ଶିକ୍ଷାନୁଷ୍ଠାନ କେବଳ ଇଟା-ବାଲି-ପଥର-ସିମେଣ୍ଟ-ଲୁହାଛଡ଼ ତିଆରି କଂକ୍ରିଟ କୋଠରି ନୁହେଁ, ତାହା ଜ୍ଞାନ-ଉତ୍ସର ଭଣ୍ଡାର ଓ ପ୍ରଜ୍ଞାର ନାଭିକେନ୍ଦ୍ରଠୁ ବି ଅଧିକ। ସେଠାରୁ ପ୍ରବାହିତ ଶିକ୍ଷା-ଝରର ସମାଜକୁ ସ୍ଥାଣୁତ୍ୱରୁ ମୁକ୍ତି ଦିଏ ଏବଂ ବିକଶିତ କରେ।ବିଦ୍ୟାଳୟର ଶିକ୍ଷୟତ୍ରୀ ସରିତାରାଣୀ ହାଁସଦା,ଯୋଗେଶ୍ୱର ନାୟକ,ସରୋଜ କୁମାର ଗିରି,ଭାଗବତ ମୁର୍ମୁ,ମଧୁସ୍ମିତା ପାତ୍ର,ରାଜେନ୍ଦ୍ର ପ୍ରସାଦ ନାୟକ,ଜଲନ ହୋ,ପ୍ରମିଳା ମାରାଣ୍ଡି,ଅର୍ଚ୍ଚନା ବାରିକ୍,ଭିକାରୀ ଚରଣ ବସା ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।ଏହି ଅବସରରେ କୃତି ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ସହ ପୁରସ୍କାର ଅତିଥୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା ଏବଂ ବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷକ ଓ ଛାତ୍ରୀବାସର ମେଟ୍ରୋନଙ୍କୁ ଉତ୍ସାହିତ କରାଯାଇଛି ।ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟରେ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ସମାଜ ପାଇଁ ଦିଗ୍ ଦର୍ଶନ ଦେଇଥିଲେ ।ଶିକ୍ଷୟତ୍ରୀ ମଧୁସ୍ମିତା ପାତ୍ର ସଭା ପରିଚାଳନା କରିବା ସହ ଅତିଥିଙ୍କୁ ସ୍ୱାଗତ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ପ୍ର.ଶି. ଗୌରୀ ଶଙ୍କର ସା ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ ।

## ନବମ ଓ ଦଶମ ଶ୍ରେଣୀର ୧୧୩ଜଣ ଛାତ୍ର ଛାତ୍ରୀଙ୍କୁ ପୋଷାକ ବିତରଣ



ନିଶ୍ଚିନ୍ତକୋଇଲି ୨୩/୧ (ନି.ପ୍ର): ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କୁ ପୋଷାକ ବିତରଣ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ତଥା ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ପୋଷାକ ବିତରଣ କରିଥିଲେ । ନବମ ଓ ଦଶମ ଶ୍ରେଣୀର ମୋଟ ୧୧୩ ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ଦୁଇ ହଳ ଲେଖାଏଁ ପୋଷାକ ପ୍ରଦାନ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟର ଅନ୍ୟତମ ସଭ୍ୟ ତଥା ପୂର୍ବତନ ସରପଂଚ ମନୋରଂଜନ ସ୍ୱାଇଁ, ଯୋଗଦେଇ ଛାତ୍ର ଛାତ୍ରୀମାନେ ନିଷ୍ଠାର ସହ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁ, ବରିଷ୍ଠ ଶିକ୍ଷକ ମନୋଜ କୁମାର ଓଝା, ଶିକ୍ଷକ ଚଉରଂଜନ ଦଳାଇ, ଶିକ୍ଷୟିତ୍ରୀ ସୋନୁରାଣୀ ସାହୁ, ରୋମାଲିନ୍ ନାୟକ, ଶୁଭସ୍ମିତା ନାୟକ, ତନୁଶ୍ରୀ ନାୟକ, କଳ୍ପନା ମହାନ୍ତି, ବିଦ୍ୟାଳୟ କର୍ମଚାରୀ ରାମଚନ୍ଦ୍ର ବେହେରା, ଅନୀଲ କୁମାର ଦାଶ, କାର୍ଯ୍ୟାଳୟ ସହକାରୀ ଚି□ରଂଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ପୂର୍ବତନ ପ୍ରାନ୍ତ ସଂଘଚାଳକ ଶିବରାମ ମହାପାତ୍ରଙ୍କ ବିୟୋଗରେ

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବପ୍ରାନ୍ତର ଶୋକ

ଭୁବନେଶ୍ୱର, ୨୩/୧ : ଆମ ସମସ୍ତଙ୍କ ପାଇଁ ବଡ ଦୁଃଖର ବିଷୟ ଯେ, ଆମର ପ୍ରିୟ ବଡ ଭାଇନା ଆଉ ଆମ ପାଖରେ ନାହାଁନ୍ତି । ବଡ ଭାଇନା ଗତ ଜାନୁଆରୀ ୨୧ ତାରିଖ ରାତିରେ ଆମ ସମସ୍ତଙ୍କୁ ଛାଡି ପରଲୋକକୁ ଚାଲିଗଲେ । ତାଙ୍କର ବ୍ରହ୍ମପୁର ବାସଭବନକୁ ଅନ୍ତିମ ଦର୍ଶନ ପାଇଁ ସ୍ୱୟଂସେବକ ତଥା ଅନ୍ୟବ୍ୟକ୍ତିମାନେ ଛୁଟି ଚାଲିଥିଲେ ଏବଂ ତାଙ୍କର ଶେଷକୃତ୍ୟ ବ୍ରହ୍ମପୁରରେ ରାତିରେ ସମାପ୍ତ ହୋଇଥିଲା । ବଡ ଭାଇନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉତ୍କଳ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ଭାବେ ଅନେକ ବର୍ଷଧରି ଦାୟିତ୍ୱ ତୁଲାଇ ଥିଲେ । ତାପୂର୍ବରୁ ସେ ସହପ୍ରାନ୍ତ ସଂଘଚାଳକ ଓ ଗଞ୍ଜାମ ବିଭାଗର ବିଭାଗ ସଂଘଚାଳକ ଦାୟିତ୍ୱରେ ଥିଲେ । ବଡ ଭାଇନାଙ୍କର ପୁରା ନାଁ ହେଉଛି ଶ୍ରୀଯୁକ୍ତ ଶିବରାମ ମହାପାତ୍ର । ଓଡିଶାରେ ବିଖ୍ୟାତ ଗ୍ରନ୍ଥ ମନ୍ଦିର ପ୍ରକାଶନ ସଂସ୍ଥା ତିଆରି କରିଥିବା ପରିବାରର ସେ ଜଣେ ବରିଷ୍ଠ ସଦସ୍ୟ ଥିଲେ । ସେ ସାପ୍ତାହିକ ରାଷ୍ଟ୍ରଦୀପର ଜଣେ ନିୟମିତ ଲେଖକ ଥିଲେ । ସେ ସେଥିରେ କବିତା ଓ ପ୍ରବନ୍ଧମାନ ଲେଖୁଥିଲେ । 'ବାର୍ତ୍ତା ବିଳାସ'ନାମରେ ତାଙ୍କ ଲେଖାରେ ସେ ସୁନ୍ଦର ରମ୍ୟ ରଚନା ସୃଷ୍ଟି କରିଥିଲେ । ପ୍ରବାସ ସମୟରେ ବସ ନମିଳିଲେ ଥରେ ଦୁଇଥର ଟ୍ରକରେ ମଧ୍ୟ ଯିବା ଆସିବା କରିଦିଅନ୍ତି । ତାଙ୍କର ମିଷ୍ଟ ବ୍ୟବହାର ସମସ୍ତଙ୍କୁ ଆପ୍ୟାୟିତ କରୁଥିଲା । କାର୍ଯ୍ୟକର୍ତ୍ତା ତାଙ୍କ ଘରକୁ ଗଲେ ସେ ଖାଇବାକୁ ନଦେଇ ଛାଡନ୍ତି ନାହିଁ । ପରିଣତ ବୟସରେ ମଧ୍ୟ ସେ ନିୟମିତ ପ୍ରବାସ କରୁଥିଲେ । ପୂଜନୀୟ ଶ୍ରୀଗୁରୁଜୀଙ୍କ ଶତବାର୍ଷିକୀ ପାଳନ ପାଇଁ ଯେଉଁ ପ୍ରାନ୍ତସ୍ତରୀୟ ସମିତି ତିଆରି ହୋଇଥିଲା, ତାହାର ସେ ଅଧ୍ୟକ୍ଷ ଥିଲେ । ଏହିଭଳି ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀଯୁକ୍ତ ଶିବରାମ ଭାଇ ସ୍ୱର୍ଗପୁରକୁ ଗଲେ ସିନା ଓଡିଶାରେ ତାଙ୍କ ଛବି ଅମର ହୋଇ ରହିବ । ତାଙ୍କ ବିୟୋଗରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

## ଗାଡି ମଟର ଯାଞ୍ଚ ବେଳେ ଚୋରା ବାଇକ ଉଦ୍ଧାର : ଜଣେ ଗିରଫ : କୋର୍ଟ ଚାଲାଣ

ବାଲିଗୁଡା ୨୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ବାଲିଗୁଡା ଥାନା ଅଞ୍ଚଳରେ ଏକ ବାଇକ ଚୋରୀ ହୋଇଥିବା ବେଳେ ଆଜି ପୁଲିସ ସେହି ଚୋରା ବାଇକ କୁ ଜବତ କରିବା ସହ ଜଣେ ଯୁବକକୁ ଗିରଫ କରିଛି । ଘଟଣା ରୁ ପ୍ରକାଶ ଯେ ୨୦୨୦ ମସିହାରେ କଲ୍ୟାଣ ମଣ୍ଡପ ନିକଟରେ ରହୁଥିବା ଶିବ ଶଙ୍କର ବିଶ୍ୱାଳ ନାମକ ବ୍ୟକ୍ତି ଙ୍କ ଏକ ସିଡି ଡିଲକ୍ସ ବାଇକ ଚୋରୀ ହୋଇଥିଲା । ଏ ନେଇ ବାଲିଗୁଡା ଥାନାରେ ଏକ ମାମଲା ରଜୁ ହୋଇଥିଲା କ୍ଷ କୋଟଗଡ ପୁଲିସ ଗାଡି ମଟର ଯାଞ୍ଚ ବେଳେ ସେହି ବାଇକ ଧରାପଡିଛି । ଏହି ବାଇକ ଚୋରୀ ମାମଲାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଥାନା ଛତ୍ରପୁର ର ପ୍ରସନ୍ନ ନାୟକ ନାମକ ଜଣେ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷିତ ଗ୍ରାମ ପଞ୍ଚାୟତ

ମୟୂରଭଞ୍ଜ ୨୩/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକରେ ବିଡିଓ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶୀର୍ଷକ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷିତ ଗ୍ରାମ ପଞ୍ଚାୟତ ଉପରେ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଆର୍ପି ବିଏସ୍‌ଏସ୍‌ଓ କରଞ୍ଜିଆ ର ଉତ୍ତମ ଚେତନ ମୁନି,ଜାମଦା ଏମ୍‌ଆଇ ହେମନ୍ତ କୁମାର ନାୟକ ଉପସ୍ଥିତ ରହି ତାଲିମ ପ୍ରଦାନ କରିବାରେ ସହାୟକ ହୋଇଥିଲେ ।ବ୍ଲକର ତାଳଗାଁ ସରପଞ୍ଚ ଡମ୍ବୁରୁଧର ହେମ୍ବ୍ରମ,ତେଣ୍ଡରା ସରପଞ୍ଚ ମୁଜିବ ମାଝୀ,ହେଁସଡା ସରପଞ୍ଚ,ଅଙ୍ଗନୱାଡ଼ି ଦିଦି,ଆଶାଦିଦି,ସମସ୍ତ ସିଆର୍ପି,ଏସ୍‌ଏଚ୍‌ଜି ସଂଘର ମହିଳାମାନେ ଉପସ୍ଥିତ ରହି ତାଲିମ୍ ଗ୍ରହଣ କରିଥିଲେ ।ତାଲିମକୁ ପେସା ସଂଯୋଜକ ଦୀପିକାରାଣୀ ପ୍ରଧାନ ପରିଚାଳନା କରିବା ସହ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମକୁ ସାଙ୍ଗ କରି ସମସ୍ତଙ୍କୁ ସାଧୁବାଦ ପ୍ରଦାନ କରିଥିଲେ ।

# ପୋଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନା ଙ୍କ ନୂଆପଡ଼ା ଗସ୍ତ



ନୂଆପଡା ୨୩/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ୫ କିଲୋମିଟର ଦୂରତା ରେ ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ପୋଲିସ କୁ ବଡ ସଫଳତା। ଯବାନଙ୍କ ଏନକାଉଣ୍ଟର ରେ ୧୪ ମାଓବାଦୀଙ୍କ ନିହତ ଘଟଣା ନେଇ ଆଜି ପୋଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନା ଆସି ଘଟଣା ସମ୍ପର୍କ ରେ ପୋଲିସ ଅଧିକାରୀ ସହ ଆଲୋଚନା କରିଥିବା ବେଳେ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରେ ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ ଗରିଆବନ୍ଦ ଜିଲ୍ଲା ଅନ୍ତର୍ଗତ କୁଲାହାରିଘାଟ ର ଭାଲୁଡିଗି ଜଙ୍ଗଲ ରେ ଏନକାଉଣ୍ଟ ବେଳେ ମାଓବାଦୀ ନିହତ ସଂଖ୍ୟା ବୃଦ୍ଧି ହେବା ନେଇ ପୋଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନା ସୂଚନା ଦେଇଛନ୍ତି। ତାଙ୍କ ସହିତ ପୋଲିସ ଆଇ ଜି ଅପରେସନ, ନୂଆପଡ଼ା ପୋଲିସ ଆରକ୍ଷୀ ଅଧିକ୍ଷକ ଜିଆର ରାଘବେନ୍ଦ୍ର, ନୀତି ଶେଖର ଅଖିଳେଶ ସିଂ, ପ୍ରମୁଖ ଯୋଗାଇ ଦେଇଥିଲେ। ଅପରେସନ ରେ ତିନି ଗୋଟି ଯବାନ ଦଳ ସାମିଲ ହୋଇଥିବା ବେଳେ ଏହି ସଫଳତା ରେ ଅତ୍ୟାଧୁନିକ ରଣନୀତି ବ୍ୟବହାର ସହ ବହୁ ବିଷୟ ସମ୍ମୁଖକୁ ଆସିଅଛି। ଗତ ୧୯ ତାରିଖ ଦିନ ମାଓ ଓ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟ ବେଳେ ୨ ଜଣ ମହିଳା ମାଓବାଦୀ ମୃତ୍ୟୁ ହୋଇଥିଲେ। ସର୍ଚ୍ଚ ଅପରେସନ ଜାରି ରହିଥିଲା। ୨୦ ତାରିଖ ଦିନ ୧୨ ଜଣ ମାଓ ବାଦି ନିହତ ହୋଇଥିଲେ। ସେଥି ମଧ୍ୟ ରୁ ମାଓବାଦୀ ସଙ୍ଗଠନ ର କେନ୍ଦ୍ର କମିଟି ସଦସ୍ୟ ଜୟରାମ ଏବଂ ଅନ୍ୟ ଜଣେ ଆନ୍ଧ୍ରା କେଡର ମାଓବାଦୀ ନିହତ ହୋଇଛନ୍ତି। ୨୧ ତାରିଖ ମଧ୍ୟ ସର୍ଚ୍ଚ ଅପରେସନ ଚାଲୁ ରହିଅଛି। ଆସନ୍ତା ଦିନ ରେ ନିହତ ସଂଖ୍ୟା ବୃଦ୍ଧି ହୋଇପାରେ ବୋଲି ପୋଲିସ ମହା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ ଓ ଜି ଙ୍କ ସଫଳତା ପାଇଁ ତାଙ୍କ ଆର୍ଥିକ ସଫଳତା କୁ ୮ ହଜାର ରୁ ବୃଦ୍ଧି କରି ସିଧା ସଳଖ ୨୫ ହଜାର କରିଥିବା ସୂଚନା ଦେଇଛନ୍ତି। ଗୃହ ମନ୍ତ୍ରୀ ଅମିତ ଶାହା ଙ୍କ ଦେଇଥିବା ପ୍ରତିଶ୍ରୁତି ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ମାଓବାଦୀ, ନକ୍ସଲ ମୁକ୍ତ ଭାରତ ଗଠନ ର ଏକ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଏହି ଘଟଣା ପରେ ମାଓ ଗତିବିଧି ବୃଦ୍ଧି ହେବା ନେଇ ସୀମାନ୍ତ ଅଞ୍ଚଳ ରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି।

## ରଶି ଲଗାଇ ମାନସିକ ଅସ୍ଥିରତା ମଧ୍ୟରେ ଥିବା ଶିକ୍ଷକଙ୍କ ଆତ୍ମହତ୍ୟା

ବାଲିଗୁଡା ୨୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ସିନ୍ଦ୍ରିଗାଁ ପଞ୍ଚାୟତର ଜାର୍ଗୀସୁଗା ଗାଁ ର କୁଳମଣି ମଲ୍ଲିକ ନାମକ ଜଣେ ଶିକ୍ଷକ ମହୁଲ ଗଛ ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଶିକ୍ଷକ ଜଣକ କିଛି ଦିନ ହେବ ମାନସିକ ଅସ୍ଥିରତା ମଧ୍ୟରେ ରହି ଆସୁଥିଲେ ବୋଲି ଶୁଣିବାକୁ ମିଳୁଛି କ୍ଷ କିନ୍ତୁ ଏ ସମ୍ପର୍କରେ ଘରେ କୌଣସି କଥା କହିନଥିବା ପରିବାର ଲୋକେ କହିଛନ୍ତି । ବୁଧବାର ସକାଳୁ ଘରୁ ବାହାରି ନିକଟସ୍ଥ ଏକ ମହୁଲ ଗଛ ରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ସ୍ଥାନୀୟ କିଛି ଲୋକ ଶୌଚ ହେବ ପାଇଁ ଯିବା ବେଳେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । କୁଳମଣି ମଲ୍ଲିକ ଖମନଖୋଲ ପଞ୍ଚାୟତର ହାତିରାଜା ଉ.ପ୍ରା. ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଏ ନେଇ ପୁଲିସ ୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ବାଲିଗୁଡା ଥାନା ଏଏସଆଇ ଉମାଶଙ୍କର ନିଆଳ ପ୍ରକାଶ କରିଛନ୍ତି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ ତମ ଜନ୍ମୋତ୍ସବ ପାଳିତ



ବୁଗୁଡା ୨୩/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦର ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ ତମ ଜନ୍ମୋତ୍ସବ ପାଳନ ହୋଇଯାଇଛି। ସହପ୍ରତି ରିତିକ ଭଗବାନ ବଢ଼େଇଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ ସହ ଏକ ସୁସଜ୍ଜିତ ରଥରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କୁ ରଥାରୂଢ଼ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଏହାପରେ ଶ୍ରୀ ବଢେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରରୁ ଆସିଥିବା ବିରଞ୍ଚିନାରାୟଣ ସାମନ୍ତରାୟ , ଠାକୁରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ ଆନନ୍ଦମୟ ପାରିବାରିକ ଜୀବନ ସହ ମୋକ୍ଷ ପ୍ରାପ୍ତି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜକ କୃଷ୍ଣ ଚନ୍ଦ୍ର ଗୁରୁ, ବିଘ୍ନେଶ ଦୋରା ନିଳାଞ୍ଚଳ ସାହୁ, ସମାଜସେବୀ କୈଳାଶ ଚନ୍ଦ୍ର ପ୍ରଧାନ, କେ.ନୀଳମାଧବ ଆଚାରୀ ଓ ହରିହର ବିଷୋୟୀ ଯୋଗଦେଇଥିଲେ। ସଂଗଠନର ସଭାପତି ହାଡୁବନ୍ଧୁ ପାତ୍ର, ସମ୍ପାଦକ ରବୀନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁଦର୍ଶନ ପାତ୍ରଙ୍କ ସମେତ ପୂର୍ବତନ କର୍ମକର୍ତ୍ତା, ବରିଷ୍ଠ ଗୁରୁଭାଇ ଓ ବିଭିନ୍ନ ଅଞ୍ଚଳର ଗୁରୁଭାଇ ଓ ମାଆମାନେ ଯୋଗଦେଇଥିଲେ। ପ୍ରାୟ ଦୁଇ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ରିଷିଡା ପ୍ରାଥମିକ କୃଷି ସମବାୟ ସମିତିର ଅଫିସ ଗୃହ ଉଦଘାଟିତ




କର୍ଲାମୁଣ୍ଡା ୨୩/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ଲିଃର ନବନିର୍ମିତ ଅଫିସ ଗୃହର ଉଦଘାଟନୀ ଉତ୍ସବରେ ସମିତିର ସଭାପତି ଗୋକୁଳଚନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସମବାୟ ସମିତି ସମୂହ ଭୁବନେଶ୍ୱର ର ନିବନ୍ଧକ ସନ୍ତୋଷ କୁମାର ଦାସ, ସମ୍ମାନୀତ ଅତିଥି ଭାବେ କଳାହାଣ୍ଡି ସମବାୟ ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରା, ବ୍ୟାଙ୍କର ମୁଖ୍ୟକାର୍ଯ୍ୟନିର୍ବାହୀ ସୁଶ୍ରୀ ବନଲତା ଧଳ, ସମବାୟ ସମିତି ଭବାନୀପାଟଣାର ସହକାରୀନିବନ୍ଧକ ମଧୁସୂଦନ ମେହେର ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ସମବାୟ ସମିତି ନେଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମବାୟ ନିରୀକ୍ଷକ ଭବନାଥ ରାୟଗୁରୁ ସଭା ସଂଯୋଜନା କରିଥିବା ବେଳେ ସାମ୍ବାଦିକ ନରୋତ୍ତମ ସେଲମା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପଚନ୍ଦ୍ର ରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମିତିର ଉପସଭାପତି ସୁଶାନ୍ତ ରଣା ସ୍ୱାଗତସମ୍ଭାଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମିତିର ଡିଇଓ ଶିଶୁପାଳ ରଣା, ଯୁଗଳକିଶୋର ରଣା, ଶୋଭାକର ରଣା, ସତ୍ୟବାନ ସୁନା, ବାସୁଦେବ ରଣା ସମେତ ନିର୍ଦ୍ଦେଶକ ଦୟାନିଧି ସାହୁ, ସତ୍ୟନାରାୟଣ କୁମାର, ଯୁଗଳକିଶୋର ରଣା, ରାଧାକାନ୍ତ ସେଠ, ଲଛମନ ଭୋଇ, ମଙ୍ଗଳୁ ଭୋଇ, ପ୍ରଦୀପ କୁମାର ଗହୀର ଓ ବୈବସ୍ୱତ ସୁନା ସହ ଯୋଗ କରିଥିଲେ।

## ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ

ପୋଲସରା ୨୩/୧ (ନି.ପ୍ର): ପୋଲସରା ସହରରେ ୧୯୯୭ ମସିହାରେ ଶିକ୍ଷାବିତ ଶ୍ୟାମସୁନ୍ଦର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷାନୁଷ୍ଠାନ ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ ଜାନୁଆରୀ ୨୧ ତାରିଖ ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରିନ୍ସପାଲ ପ୍ରଦୀପ କୁମାର ପରମଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟକ ଭାବେ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମାଜରେ ଭଲ ମଣିଷଟିଏ ହେବାପାଇଁ ପରାମର୍ଶ ଦେଇ ମୋବାଇଲ ଠାରୁ ଦୁରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ଶିକ୍ଷା ଅନୁଷ୍ଠାନର ପ୍ରଗତି କ୍ଷେତ୍ରରେ ଯାହା ଆବଶ୍ୟକ ପଡିବ ନିଶ୍ଚିତ ଭାବେ ମୁଁ ସହଯୋଗ କରିବି ବୋଲି ପ୍ରତିଶୃତି ଦେଇଥିଲେ ମନ୍ତ୍ରୀ ଶ୍ରୀ ମଲ୍ଲିକ। ମୁଖ୍ୟ ଅତିଥି ଭାବେ ଗୋପାଳପୁର କଲେଜର ପୂର୍ବତନ ପ୍ରିନ୍ସପାଲ ଏସ.ରାମା ରାଓ, ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ବାର କାଉନସିଲ ମେମ୍ବର ପୀତବାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠା ତଥା ସମାଜସେବୀ ଶ୍ୟାମ ସୁନ୍ଦର ସାହୁ, ବ୍ରହ୍ମପୁର ଜୋନ ଶିକ୍ଷା ଉପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିଜେପି ଘୁମୁସର ସାଙ୍ଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ ମଞ୍ଚାସିନ ଥିଲେ। ଅତିଥି ବୃନ୍ଦ ଛାତ୍ରୀମାନଙ୍କୁ ଉଚିତ ଶିକ୍ଷା ଗ୍ରହଣ କରି ଭଲ




ମଣିଷଟିଏ ହେବାପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠିତ ବର୍ଷରେ ୩୦ ଛାତ୍ରୀଙ୍କୁ ନେଇ ଏହି ଶିକ୍ଷା ଅନୁଷ୍ଠାନ ଆରମ୍ଭ ହୋଇ ଆଜି ୯୩୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯାହାକି ଆଜିର ଏହି ରୌପ୍ୟ ଜୟନ୍ତୀ ପାଇଁ ଏକ ଗୌରବ ଆଣିଛି ଯାହାକୁ ନେଇ ବିଦ୍ୟାଳୟ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ସାହୁ ଗର୍ବିତ ଅନୁଭବ କରି ପ୍ରତିକ୍ରିୟା ରଖିଥିଲେ । ଅଧକ୍ଷ ଶ୍ରୀ ପରମଗୁରୁ ରୌପ୍ୟ ଜୟନ୍ତୀର ବିବରଣୀ ପଠନ କରିଥିଲେ। ଅତିଥି ପରିଚୟ ଅଧ୍ୟାପକ ଆଶିଷ କୁମାର ପ୍ରଧାନ କରିଥିବା ବେଳେ ସ୍ୱାଗତ ଭାଷଣ ଅଧ୍ୟାପକ ଶିଶିର କୁମାର ବିଷୋୟୀ ଦେଇଥିଲେ। ୨୦୦୨ ଠାରୁ ୨୦୨୪ ପର୍ଯ୍ୟନ୍ତ ୨୧ ଜଣ ବ୍ଲକ ଟପ୍ପର ଓ ୩ ଜଣ ଜିଲ୍ଲା ଟପ୍ପର ପୂର୍ବତନ ଛାତ୍ରୀଙ୍କୁ ସମ୍ମାନୀତ କରିବା ସହ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ସାହୁଙ୍କୁ ସ୍ମୃତି ଫଳକ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।ଏହି ରଜତ ଜୟନ୍ତୀ ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା ବେଳେ ଆଜି ପ୍ରଥମ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗୁଣପୁର ୨୩/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ପ୍ରାଣିସମ୍ପଦ ବିକାଶ ବିଭାଗ ସୌଜନ୍ୟରେ ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ବ୍ଲକ ର ଭିନ୍ନ ଭିନ୍ନ ପଞ୍ଚାୟତର ପ୍ରାୟ ୪୦ ଜଣ ମହିଳା ଓ ପୁରୁଷ ଚାଷି ଏହି ମାଂସାଳ ( ବ୍ରଏଲର) କୁକୁଡ଼ା ପାଳନ ବିଷୟରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଦୁଇ ଦିନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ସହ ଗୋଟିଏ ଦିନ କ୍ଷେତ୍ର ପରିଦର୍ଶନରେ ଚାଷି ଙ୍କୁ ନେବାର କାର୍ଯ୍ୟକ୍ରମ ରହିଛି । ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ଜିଲ୍ଲା ମୂଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଦେବରାଜ ନାୟକ ଯୋଗଦେଇ ତୁଳସୀରେ ଜଳଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ , ଚାଷି ଟିଏ ଚାଷ ସାଙ୍ଗକୁ ପଶୁପକ୍ଷୀ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ । ଫଳରେ ଚାଷୀର ଆୟ ଦ୍ୱିଗୁଣିତ ହୋଇପାରିବ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ବିପ୍ରଚରଣ ବେହେରା , ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ କୁମାର ଆଚାର୍ଯ୍ୟ , ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ରାମନାଗୁଡା ଡ଼ଃ କୃଷ୍ଣାନନ୍ଦ ବେହେରା , ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଗୁଣପୁର ରାଧେଶ୍ୟାମ ଦାଶ , ପ୍ରାଣୀ ଚିକିତ୍ସକ ଡଃ ସିଦ୍ଧାର୍ଥ ଶଙ୍କର ସାବତ , ପ୍ରାଣୀ ଚିକିତ୍ସିକା ଦୁର୍ଗୀ ଡଃ କେ ହରିପ୍ରିୟା ଆଚାରି , ଅତିରିକ୍ତ ପ୍ରାଣୀ ଚିକିତ୍ସକ ଗୁଣପୁର ଡଃ ବିଷ୍ଣୁ ଚରଣ ଶ୍ୱର , କେବିକେ ମୁଖ୍ୟ ଡ଼ଃ ସୁସ୍ମିତା ମହାନ୍ତି ଯୋଗଦେଇ ବ୍ରଏଲର କୁକୁଡ଼ା ପାଳନ କିପରି କରାଯାଏ , ସରକାରଙ୍କ କ'ଣ ସବୁ ଅନୁଦାନ ରହିଛି , କୁକୁଡ଼ାର ରୋଗ ନିୟନ୍ତ୍ରଣ ,ଜାରିକରଣ ଓ ଲାଭ କ୍ଷତି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଲେ । ଚାଷି ମାନେ କୁକୁଡ଼ା ଚାଷ ସମ୍ବନ୍ଧରେ ସମସ୍ତ ଜ୍ଞାନକୌଶଳ ଶିକ୍ଷା ଗ୍ରହଣ କରି ମଞ୍ଚାସିନ ଅତିଥି ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ । ଏହି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପି ଏ , ଏଲ ଆଇ ଓ ପ୍ରାଣୀସମ୍ପଦ ବିଭାଗର କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଚିଲିକାରେ ବଢୁଛି ବିଜେପି,ସରପଞ୍ଚ ଙ୍କ ସମେତ ଶତାଧିକ ବିଜେଡି କର୍ମୀ ଧରିଲେ ପଦ୍ମ



ବାଣପୁର ୨୩/୧ (ନି.ପ୍ର): ବୁଧବାର ଦିନ ବାଣପୁର ବ୍ଲକ ଦାମିଆ ବରବରା ଗ୍ରାମ ପଞ୍ଚାୟତ ର ସରପଞ୍ଚ ବୀଣାପାଣି ଷଣ୍ଢ, ନାଏବ ସରପଞ୍ଚ ବନବାସ ଶବର, ସଂଗଠକ ପ୍ରଦୀପ କୁମାର ଷଣ୍ଢ ଏବଂ ୱାର୍ଡ଼ ମେମ୍ବର ଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ, ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝି ଓ ଆଇନ , ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କାର୍ଯ୍ୟକଳାପ ରେ ଅନୁପ୍ରାଣିତ ହୋଇ ନାଚୁଣୀ ସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ୍ ହୋଇଥିଲେ ।ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ଦଳରେ ସାମିଲ ହୋଇଥିବା ସମସ୍ତ ନୂତନ କାର୍ଯ୍ୟକର୍ତ୍ତା ମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଭାଜପା ପରିବାରକୁ ସ୍ୱାଗତ କରିଥିଲେ। ଏହି ଯୋଗଦାନ ଦଳର ସଂଗଠନ କୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ଜନତାଙ୍କ ସେବା,କଲ୍ୟାଣମୂଳକ କାର୍ଯ୍ୟ ସହ 'ବିକଶିତ ଚିଲିକା' ଗଠନ ଦିଗରେ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ମତପ୍ରକାଶ କରିଥିଲେ।ଏହି ମିଶ୍ରଣ ପର୍ବରେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ,ବିରିଜାଇ ମଣ୍ଡଳ ଭାଜପା ସଭାପତି ଜିତେନ୍ଦ୍ର କୁମାର ଭୋଳ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୨୭ ତମ ବାର୍ଷିକ ଉତ୍ସବ ଓ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ : ଶତାଧିକ ଗାୟତ୍ରୀ ଭକ୍ତଙ୍କ ସମାଗମ



ବାଲିଗୁଡା ୨୩/୧ (ନି.ପ୍ର): ରାଷ୍ଟ୍ରରେ ନବ ନିର୍ମାଣ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଓ କୁର୍ତ୍ତମଗଡ଼ ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ୨୭ ତମ ବାର୍ଷିକ ଉତ୍ସବ ଏବଂ ରାଷ୍ଟ୍ର ଜାଗରଣ ନବ କୁଣ୍ଡିୟ ଗ୍ରାୟତ୍ରୀ ମହାଯଜ୍ଞ କାର୍ଯ୍ୟକ୍ରମ ଗାୟତ୍ରୀ ଶକ୍ତିପୀଠ ପରିସର ମଧ୍ୟରେ ତିନି ଦିନ ଧରି ଆୟୋଜନ ହେବା ପରେ ଯଥାରିତି ନୀତି ଅନୁଯାୟୀ ପୂର୍ଣ୍ଣାହୁତି ହୋଇଛି। ତିନି ଦିନ ଧରି ଆୟୋଜିତ ଏହି ମହାଯଜ୍ଞରେ ସାମୁହିକ ଜପ ,ଧ୍ୟାନ, ବ୍ୟାୟମ ,ପ୍ରଜ୍ଞାଯୋଗ ,ରୁଦ୍ରାଭିଷେକ ସହ ଗାୟତ୍ରୀ ନବ କୁଣ୍ଡୀୟ ମହାଯଜ୍ଞ ଓ ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ବିଭିନ୍ନ ସଂସ୍କାର ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମଗ୍ର କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ମହିଳା ଓ ପୁରୁଷ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ହୋଇ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ବୁଧବାର ଦିନ ସାନ୍ଧ୍ୟରେ ଘୃତଯଜ୍ଞ ପୂର୍ଣ୍ଣାହୁତୀ ହୋଇଥିଲା କ୍ଷ ବାଲିଗୁଡାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନନ୍ତ ଚରଣ ପୃଷ୍ଟି ଙ୍କ ସମେତ ବହୁ ଭକ୍ତ ଯୋଗ ଦେଇଥିବା ବେଳେ କୁର୍ତ୍ତମଗଡ଼ ମହାଯଜ୍ଞ କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମନ୍ୱୟ ଓଡିଶା ପୂର୍ବ ପ୍ରାନ୍ତ ପ୍ରମୁଖ ଆଲୋକ କୁମାର ଖଟୁଆ, ଜିଲ୍ଲା ଧର୍ମ ଜାଗରଣ ସମନ୍ୱୟ ର ଟୋଲି ପ୍ରମୁଖ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।ଏହା ସହ ଗାୟତ୍ରୀ ପରିବାରର ପରିବ୍ରାଜକ ଅଶୋକ ପେଣ୍ଠୋଇ, ପଣ୍ଡିତ ବିରୁପାକ୍ଷ ଦାସ , ଜିଲ୍ଲା ଯୁବ ସଂଯୋଜକ ନବୀନ ପାତ୍ର, ଗୋପାଳ ପଟ୍ଟନାୟକ , ନିବେଦିତା ନାୟକ ,ଗୀତାଞ୍ଜଳି ମହାନ୍ତି ,ଗୌତମ ମାଝି ,ଆନନ୍ଦ ଦଣ୍ଡ ସେନା ,ଜଗନ୍ନାଥ ବେହେରା, ବିରେନ୍ଦ୍ର ପାଟମାଝି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିଦିନ ସନ୍ଧ୍ୟା ସମୟରେ କୁର୍ତ୍ତମଗଡ଼ ସ୍ଥିତ ଯଜ୍ଞେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀମଦ ଭାଗବତ କଥା ସପ୍ତାହ ସହ ଦୀପ ଦାନ ଯଜ୍ଞ ଓ ଶ୍ରୀମଦ ଭାଗବତ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ଶାନ୍ତି ଅମ୍ବା ଯଜ୍ଞ ଓ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ଚଳ ଚଞ୍ଚଳ ପ୍ରସିଦ୍ଧ ମା ବାଳକୁମାରୀ ପୀଠ



ଚିକିଟୀ ୨୩/୧ (ନି.ପ୍ର): ଏହି ବ୍ଲକ ରାମଚନ୍ଦ୍ର ପୁର ପଞ୍ଚାୟତ ରାମଗୁଡା ନିକଟ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା କେରାଣ୍ଡି ମାଳ ପର୍ବତରେ ଅବସ୍ଥିତ ଦକ୍ଷିଣ ଓଡ଼ିଶାର ଅନ୍ୟତମ ଶକ୍ତି ପୀଠ ମା ବାଳକୁମାରୀ ଙ୍କ ପର୍ବତ ଶିଖରରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଭଗବତୀ ମହାମାୟୀ ମା ବାଳକୁମାରୀ ଙ୍କ ଶକ୍ତି ପୀଠରେ ହେବାକୁ ଥିବା, ବିଶ୍ୱଶାନ୍ତି ଅମ୍ବା ମହାଯଜ୍ଞ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ଚଳ ଚଞ୍ଚଳ ହୋଇ ଉଠିଛି ଶକ୍ତିପୀଠ ସମେତ ସାରା ଅଞ୍ଚଳ ।ଏହି ଆମ୍ବା ଯଜ୍ଞ ଓ ପ୍ରତିଷ୍ଠା ପାଇଁ ବହୁ ଦୂର ଦୁରାନ୍ତ ତଥା ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବିଦ୍ୱାନ ପଣ୍ଡିତ ଆସୁଥିବା ଜଣା ପଡିଛି ।ତେବେ ବହୁ ଉପାଧି ରେ ବିଭୂଷିତ ଅଞ୍ଚଳର ସୁନାମଧନ୍ୟ ପଣ୍ଡିତ ଶ୍ରୀ ଅଶୋକ କୁମାର ପାଢ଼ୀ ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଷ୍ଠା ଉତ୍ସବ, ଆସନ୍ତା ମାଘ କୃଷ୍ଣ ଦଶମୀ ୨୩ ତାରିଖ ଗୁରୁବାର ଠାରୁ ମାଘ ଶୁକ୍ଳ ଦ୍ୱିତୀୟା ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଜଳଯାତ୍ରା, ଦୀକ୍ଷା ଗ୍ରହଣ,ମଣ୍ଡଳାଧିବାସ ପରେ ଦ୍ୱିତୀୟ ଦିବସରେ ଯଜ୍ଞାରମ୍ଭ ସହିତ ବ୍ରାହ୍ମଣ ବରଣ, ସାଲା ସଂସ୍କାର, ମଣ୍ଡଳ ପୂଜା ଆଦି ସମାପନ ହେବ। ସେହିପରି ୨୪ ତାରିଖ ଶୁକ୍ରବାର ଠାରୁ ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ପ୍ରତିଦିନ ରୀତିନୀତି ଅନୁଯାୟୀ ମଣ୍ଡଳ ପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାରାୟଣ, ଘୃତଯଜ୍ଞ , ଦେବୀ ଓ ଶୈବ ପୀଠରେ ମହାଭିଷେକ ସହ ବିଲ୍ୱାର୍ଜନ, ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେବ। ଏହା ସହିତ ବନ ଯୋଗ, ରତ୍ନମୁଦ୍ରା, ନୂତନ ବିଗ୍ରହ ମାନଙ୍କ ଅଧିବାସ ଓ ମହାସ୍ନାନ, ଜୀବନ୍ୟାସ, ପାର୍ଶ୍ୱ, ଦ୍ୱାର, ଧ୍ୱଜ ଓ ତ୍ରିଶୂଳ ସ୍ଥାପନ, ଦେବତା ପ୍ରବେଶ, ଜଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ଘୃତଯଜ୍ଞ ସହିତ ପ୍ରତିଷ୍ଠାର ପୂର୍ଣ୍ଣାହୁତି ।୩୧ ତାରିଖ ଗୁରୁବାର ଦଧିହାଣ୍ଡି ଭଗ୍ନ ସହିତ ନଗର ଭ୍ରମଣ ଓ ନାମ ଯଜ୍ଞର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହେବା ଆଲୋଚନା ହେଉଥିବା ବେଳେ ସେ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟ ରେ ପହଁଞ୍ଚିଛି । ଜନଗହଳି କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବା ବେଳେ ବିଭିନ୍ନ ଯୁବ ସଂଗଠନ ର ସଦସ୍ୟ ମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସଜାଗ ରଖାଯାଇଛି। ଏହି ପ୍ରତିଷ୍ଠା ମହାଯଜ୍ଞରେ ଭକ୍ତବୃନ୍ଦ ଯୋଗଦାନ କରି ଭଗବତୀ ଶ୍ରୀ ମା ବାଳକୁମାରୀ ଙ୍କ କୃପାଲାଭ କରିବା ସହିତ କାର୍ଯ୍ୟକ୍ରମ କୁ ସଫଳ କରିବା ନେଇ ପଣ୍ଡିତ ଶ୍ରୀ ଅଶୋକ କୁମାର ପାଢ଼ୀ ଙ୍କ ସହିତ ମା ବାଳକୁମାରୀ ଚାରିଟେବୁଲ ଟ୍ରଷ୍ଟ ଓମନ୍ଦିର ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ମଣ୍ଡଳ,ସମ୍ପାଦକ ଅଭିମନ୍ୟୁ ରାଉଳ,ମହେନ୍ଦ୍ର ପାତ୍ର, ସୁଧୀର କାନ୍ତ ସାବତ ଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛୁ ମାନଙ୍କୁ ଶାନ୍ତି ଶୃଙ୍ଖଳା ନେଇ ନିବେଦନ କରିଛନ୍ତି।

## ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ ଜାମଦା ଶିଶୁମନ୍ଦିର ସିଦ୍ଧହସ୍ତତା

ଜାମଦା ୨୩/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ସରସ୍ୱତୀ ଶିଶୁମନ୍ଦିର ୨୦୨୩-୨୦୨୪ ଶିକ୍ଷାବର୍ଷ ର ୩ୟ ଓ ୫ମ ସରକାରୀ ବୃତ୍ତି ପରୀକ୍ଷାରେ ସିଦ୍ଧହସ୍ତତା ହାସଲ କରିଥିବା ପ୍ରଧାନଆଚାର୍ଯ୍ୟା ସସ୍ମିତା ଟୁଡୁ ଜଣାଇଛନ୍ତି ।୩ୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଜୟଶ୍ରୀ ଗୋପ ଜାମଦା ବ୍ଲକରେ ୨ୟ ସ୍ଥାନ ,ମୃତୁଞ୍ଜୟ ଗୋପ ଜାମଦା ବ୍ଲକରେ ୩ୟ ଏବଂ ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଯମୁନା ହେମ୍ବ୍ରମ ଜାମଦା ବ୍ଲକରେ ୧ମ,ସୌମ୍ୟ ରଂଜନ ନାୟକ ଜାମଦା ବ୍ଲକରେ ୪ର୍ଥ ସ୍ଥାନ ଅଧିକାର କରି ଶିକ୍ଷାନୁଷ୍ଠାନର ତଥା ଜାମଦା ବ୍ଲକକୁ ଗୌରାବାନ୍ୱିତ କରିଥିବାରୁ ୪ଜଣ ବିଦ୍ୟାର୍ଥୀଙ୍କୁ ଅଭିଭାବକ,ଅଭିଭାବିକା,ଗୁରୁଜୀ,ଗୁରୁମାଙ୍କ ମହଲରୁ ଅପ୍ରମିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।



## ନୂତନ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଙ୍କ ଯୋଗଦାନ



ଆଠମଲ୍ଲିକ ୨୩/୧ (ନି.ପ୍ର): ଆଠମଲ୍ଲିକ ଏନ ଏ ସି ରେ ନୂତନ ନିର୍ବାହୀ ଅଧିକାରୀ ଭାବରେ ଚନ୍ଦ୍ରକାନ୍ତ ବେହେରା ଯୋଗଦାନ କରିଛନ୍ତି। ଶ୍ରୀ ବେହେରା ପୂର୍ବରୁ ଧର୍ମଗଡ଼ ଏନ ଏ ସି ରେ କାର୍ଯ୍ୟରତ ଥିଲେ । ଆଠମଲ୍ଲିକ ଏନ ଏ ସି ରେ ଯୋଗଦାନ କଲା ପରେ ବିକାଶ ମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆ ଯିବ ବୋଲି ତାଙ୍କ ପ୍ରଥମ ପ୍ରତିକ୍ରିୟା ରେ ପ୍ରକାଶ କରି ଥିଲେ । ସୂଚନା ଥାଉ କି ଶ୍ରୀ ବେହେରା ସହକାରୀ ଜିଲ୍ଲା ପାଳ ଭାବେ ବୌଦ୍ଧ ରେ ଚାକିରୀ ଜୀବନ ଆରମ୍ଭ କରିଥିଲେ।

## ରିଷିଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ବଲାଙ୍ଗୀର (ସ୍ପୋର୍ଟସ ହଷ୍ଟେଲ) ବିଜୟୀ

କର୍ଲାମୁଣ୍ଡା ୨୩/୧ (ନି.ପ୍ର): କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନିଷ୍ଟାଡିୟମ ଠାରେ ଆଜି ତୃତୀୟ ଦିନ ରିଷିଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ହୋଇଯାଇଛି। ସୋନପୁର ଓ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ଲଳିତ ମୋହନ ସାହୁ ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ଓ ଲଳିତ ମୋହନ ଦାସ ପ୍ରଶାନ୍ତ ସାହୁ ଲାଇନରେ ସହାୟତା କରିଥିଲେ। ସ୍କୋରର ଦାୟିତ୍ୱରେ ସୁନୀଲ ବେହେରା ରଶ୍ମିରଞ୍ଜି ଲେଙ୍କା ରହିଥିଲେ। ଯୁବସମାଜ ସେବୀ ସୁନିଲ କେଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହ କରିବା ସହ କ୍ରୀଡା ଦ୍ୱାରା ଆଜି ଆମ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ରିଷିଡା ସରପଞ୍ଚ ସେବତୀ ରଣା ପୌରକେଳା ସରପଞ୍ଚ ଯୋଶୋସିନୀ ଧରୁଆ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ନରୋତ୍ତମ ସେଲମା ସଭାପତିତ୍ୱ କରିଥିଲେ। ରଞ୍ଜନ କୁମାର ନାଏକ, ସଲିମଶେଖର ରଣା, , ବୁଲୁ ଭୋଇ, ସୁଶାନ୍ତ ମଲ୍ଲିକ ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କମ୍ବୁପାଣି ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି (ଗୁରୁବାର) ବଲାଙ୍ଗୀର ତୁଷରା ଓ କଳାହାଣ୍ଡି ବୋର୍ଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଅସ୍ୱାସ୍ଥ୍ୟକର ପରିବେଶ ଓ ବିପଦପୂର୍ଣ୍ଣ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର :କେବେ ହେବ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ

ନିଶ୍ଚିନ୍ତକୋଇଲ୨୩/୧ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ରାମକୃଷ୍ଣପୁର ପଂଚାୟତ ଦହପଡା ଅଙ୍ଗନୱାଡି କେନ୍ଦ୍ର-୨ ସ୍ଥାନୀୟ ଅଂଚଳର ଏକ ପ୍ରମୁଖ ରାସ୍ତା କଡରେ ଏକ ଚିକେନ୍ କାଉ□ରକୁ ଲାଗି କାର୍ଯ୍ୟ କରୁଛି । ଦୀର୍ଘ ଦିନ ପୂର୍ବରୁ ଏଠାରୁ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଉଠାଇ ଅନ୍ୟତ୍ର ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କରି କୋମଳମତି ଶିଶୁମାନଙ୍କୁ ସେଠାରୁ ସ୍ଥାନାନ୍ତରଣ କରି ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାଦାନ ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ, ନିଶ୍ଚିନ୍ତକୋଇଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏପରିକି ବ□ମାନର ମାହାଙ୍ଗା ବିଧାୟକଙ୍କୁ ମଧ୍ୟ ବାରମ୍ବାର ଅବଗତ କରାଇଥିଲେ ବି ଅଦ୍ୟାବଧି କିଛି ସୁଫଳ ମିଳୁନାହିଁ । ନିକଟ ଅତୀତରେ ରାମକୃଷ୍ଣପୁର ପଂଚାୟତରେ ମାହାଙ୍ଗା ବିଧାୟକ ଏକ ଜନଶୁଣାଣୀ ଓ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ । ପଂଚାୟତର ବିଭିନ୍ନ ସମସ୍ୟା ଯଥା ବ୍ୟକ୍ତିଗତ ସମସ୍ୟା, ସାମୁହିକ ସମସ୍ୟାମାନ ପଂଚାୟତବାସୀ ବିଧାୟକଙ୍କ ନଜରକୁ ଆଣିଥିଲେ । ହେଲେ ଏହି ଦହପଡା ଅଙ୍ଗନୱାଡି କେନ୍ଦ୍ର-୨ ର କଥାକୁ ସମସ୍ତେ ଭୁଲି ଯାଇଥିଲେ । ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପୂର୍ବରୁ ଏଠାରେ କାର୍ଯ୍ୟରତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇ ଉକ୍ତ ଅଙ୍ଗନୱାଡିକେନ୍ଦ୍ର-୨ ଅସ୍ୱାସ୍ଥ୍ୟକର ପରିବେଶ ଓ ବିପଦପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ବୋଲି ଅବଗତ ହେଲାପରେ ମଧ ସେ ନୀରବ ରହିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଜିର ଶିଶୁ ଭବିଷ୍ୟ ତର ନାଗରିକ ବୋଲି ନାରା ଦେଇ ଶିଶୁମାନଙ୍କ ଉଦ୍ଦେଶରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ହେଁ ତାହା ସତେ ଯେପରି ଏଠି ବାଟବଣା ହୋଇଯାଇଛି । ଅସ୍ୱାସ୍ଥ୍ୟକର ପରିବେଶରେ ଶିଶୁମାନେ ବସି ପାଠ ପଢିବା ପାଇଁ ଅସୁବିଧା ଭୋଗୁଥିବା ଓ ସେଠାରେ ପଢିବାକୁ ଅମଙ୍ଗ ହେଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଅଙ୍ଗନୱାଡି କେନ୍ଦ୍ର ଥିବାରୁ ପିଲାମାନେ ଯିବା ଆସିବା ସମୟରେ ସଡକ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି । ପୂର୍ବରୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ଜଣେ ଶିଶୁ ସଡକ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିଲେ । ଏତେସବୁ ପରେ ବି ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟରେ ସୁଧାର ଆସୁନି । କେବେ ସୁଧାର ଆସିବ ଏନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି ।

# ମୟୂରଭଞ୍ଜ ସାହିତ୍ୟ ପରିଷଦରେ ମକର ମିଳନ ବ୍ୟାସକବି ଜୟନ୍ତୀ ପାଳନ ସହ କବିତା ପାଠୋତ୍ସବ



ବାରିପଦା,୨୩/୧ (ନି.ପ୍ର): ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ପରିସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ମକର ମିଳନ ଓ ବ୍ୟାସ କବି ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି । ପରିଷଦର ଉପସଭାପତି କବୟିତ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସଂପାଦକ ଶରତ ନାୟକ ମୁଖ ?ୟ ଅତିଥି ଭାବରେ ଯୋଗ ଦେଇ ହଜି ଯାଉଥିବା ମୟୂରଭଞ୍ଜର ମକର ସଂସ୍କୃତିର ସଂରକ୍ଷଣ ଆବଶ୍ୟକ ବୋଲି ମତ ରଖିଥିଲେ । ମହର୍ଷି ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର କର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ପ୍ରତିଶ୍ରୁତି ପତ୍ରିକାର ସଂପାଦକ ପଣ୍ଡିତ ଭାଗବତ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ମନୋଜ ଦଳବେହେରା ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପରିଷଦର ଦିବଂଗତ ସଦସ ?ୟ ଆଡଭୋକେଟ ଶ୍ରୀନିବାସ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା. ପରେ କବି ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ପାଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଅଜିତ କୁମାର କବାଟ, ଭାସ୍ୱତୀ ପଣ୍ଡା, ସୁମିତା ବେହେରା, ବାସନ୍ତୀଲତା ମହାପାତ୍ର, ଇଂ ସତୀଶ ଚନ୍ଦ୍ର ବେହେରା, କୈବଲ ?ୟ ପ୍ରସାଦ ମହାପାତ୍ର, ନୀରୋଦ ସୁନ୍ଦର ଜେନା, ଅଜମ୍ବର ପୃଷ୍ଟି, ଅଜିତ ପାଣିଗ୍ରାହୀ, ହିମାଂଶୁ ଶେଖର ଦାସ, ଚନ୍ଦ୍ରକାନ୍ତି ମଢେଇ, ପିତାମ୍ବର ମଲ୍ଲିକ, ଡ. ବିଚିତ୍ରନାଥ ସାହୁ, ମୀନକେତନ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପରିଶେଷରେ କବି ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଯଥା ପୂର୍ବଂ ତଥା ପରଂ' ନୀତି ରେ ଯାଜପୁର ଜିଲ୍ଲା ପ୍ରଶାସନ !

ଯାଜପୁର/କଳିଙ୍ଗନଗର ୨୩/୧ (ନି.ପ୍ର): : ଯାଜପୁର ଜିଲ୍ଲା ରେ ସମସ୍ୟା ସମାଧାନ କରିବା ବଦଳରେ ସମସ୍ୟା ବଢ଼ିଚାଲିଛି । ଭଲ ଶାସନ ପାଇବାର ଆଶା ରେ ଏଠି ପୂର୍ବରୁ ଚାଲୁଥିବା ରାଜତନ୍ତ୍ର ଶାସନର ଅବସାନ ଘଟାଇବା ପାଇଁ ଦିର୍ଘ ୨୫ ବର୍ଷ ର ସମୟ ଲାଗିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ମାତ୍ର ବର୍ତ୍ତମାନ ସ୍ଥିତିରେ ଦେଖିବାକୁ ଗଲେ 'ଯଥା ପୂର୍ବଂ ତଥା ପରଂ' ନୀତି ରେ ଯାଜପୁର ଜିଲ୍ଲା ପ୍ରଶାସନ ବୋଲି ଅଭିଯୋଗ ହେଉଛି ।ସରକାର ଚଲାଇବାକୁ ହେଲେ ରାଜ୍ୟ ରେ ଥିବା ବଡ଼ ବଡ଼ ସରକାରୀ ଅଧିକାରୀ ଙ୍କ ସହଯୋଗ ନିହାତି ଆବଶ୍ୟକ, ସରକାର ନିୟମ ପ୍ରଣୟନ କରିବା ପରେ ତାହାକୁ ପ୍ରଣୟନ କରିବା ହେଉଛି ସରକାରୀ ଅଧିକାରୀ ଅଧିକାରରେ ଆସୁଥିବା ଯୋଗୁଁ ଯେ କୌଣସି କାର୍ଯ୍ୟ କରିବା ତାହା ପୂର୍ବରୁ ସରକାରୀ ଆଦେଶ ଆବଶ୍ୟକତା ରହିଛି । ଯାହା କୁ ସରକାରୀ ଅଧିକାରୀ ମାନେ ହିଁ ଦେବେ ଯାହା ଫଳରେ ସାଧାରଣ ଲୋକଙ୍କ ଅସୁବିଧା ଦୂର କରାଯାଇପାରିବ ମାତ୍ର ପୂର୍ବରୁ ଥିବା ସରକାର ଙ୍କ ସମୟରେ ସାରା ରାଜ୍ୟରେ ଅଫିସର ରାଜ ଚାଲୁଥିଲା ।ବର୍ତ୍ତମାନ ସୁଦ୍ଧା ବହୁ ଯାଗା ରେ ପୂର୍ବରୁ ଥିବା ସରକାର ଙ୍କ ସମୟରେ ଯେପରି ଅଫିସର ରାଜ ଚାଲୁଥିଲା ଏବେ ମଧ୍ୟ କିଛି ସ୍ଥାନରେ ପୂର୍ବରୁ ଥିବା ସରକାର ଢାଞ୍ଚାରେ ଚାଲିଛି ସରକାରୀ ଅଫିସ ଯାହା ର ଉଦାହରଣ ଯାଜପୁର ଜିଲ୍ଲା ରେ ଥିବା ଏକାଧିକ ସରକାରୀ କାର୍ଯ୍ୟାଳୟ ରେ ପୂର୍ବରୁ ଥିବା ନିୟମ ଅନୁସାରେ କାର୍ଯ୍ୟ ହେଉଥିବା ପରି ଲାଗୁଛି ।କାରଣ ବହୁ ବିଭାଗ ରେ ?ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା ବେଳେ କେହି ଶୁଣିବାକୁ ଆଗଭର ହେଉନାହାନ୍ତି । ପୂର୍ବରୁ ଥିବା ସରକାର ପରିବର୍ତ୍ତନ ହୋଇଥିବା ବେଳେ ବର୍ତମାନ ଲୋକଙ୍କ ସରକାର ଚାଲିଛି ବୋଲି ସବୁ ସଭାସମିତି ରେ ସରକାର ରେ ଥିବା ସମସ୍ତ ନେତା କହୁଛନ୍ତି । ମାତ୍ର ବର୍ତ୍ତମାନ ଯାଜପୁର ଜିଲ୍ଲା ରେ ତାହା ଓଲଟା ଦେଖିବାକୁ ମିଳିଛି । ଏଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ରେ ବିଫଳ ପୋଲିସ ବିଭାଗ ଏଠାରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ବିଫଳ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଏଠାରେ ଗମନାଗମନ ଓ ଅନ୍ୟାନ୍ୟ ବିଭାଗ ରେ ?ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା ପରି ପରିଲକ୍ଷିତ ହୋଇଛି । ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦିଗହରା, ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ ଯାହା ଫଳରେ ଯାଜପୁର ଜିଲ୍ଲା ର କଳିଙ୍ଗନଗର , କୋରେଇ, ଧର୍ମଶାଳା , ଯାଜପୁର ଓ ଏକାଧିକ ସ୍ଥାନରେ ?ଖଣିଜ ସମ୍ପଦକୁ ଦିନରାତି ଲୁଟ୍ କରୁଛନ୍ତି ମାଫିଆ ମାନେ ଯାଜପୁର ଜିଲ୍ଲା ମହିଳାମାନେ ନିଜର ଅଧିକାର କୁ ନେଇ ଚିନ୍ତା ରେ ଅଛନ୍ତି । ଯାଜପୁର ଜିଲ୍ଲା ତଥା କଳିଙ୍ଗନଗର ରେ ଥିବା ଯୁବକ ଯୁବତୀ ମାନଙ୍କ ପାଇଁ ନିଯୁକ୍ତି ନାହିଁ । ତେଣୁ ଏଥିପାଇଁ ଆବଶ୍ୟକତା ରହିଛି ପ୍ରାସାସନିକ ଅଧିକାରୀ ଙ୍କ ସହଯୋଗ ମାତ୍ର ବର୍ତ୍ତମାନ ଯାଜପୁର ଜିଲ୍ଲା ରେ ଥିବା ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଯୋଗୁଁ ଚିନ୍ତାରେ ସାଧାରଣ ଲୋକ,ପୂର୍ତ୍ତ ବିଭାଗ ଓ ଖଣିଜ ପାଣ୍ଠି ରେ ଦୃନୀତି କୁ ରୋକିବା ନିମନ୍ତେ ବାରମ୍ବାର ଗଣମାଧ୍ୟମ ରେ ପ୍ରକାଶିତ ହେବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଯାଜପୁର ଜିଲ୍ଲା ପ୍ରଶାସନ ନିଦାବିଷ୍ଟ ସାଜିବା ପଛରେ କ'ଣ କାରଣ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି । ଶିଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଶିଳ୍ପସଂସ୍ଥା ମାନେ ଖୁଲମଖୁଲା ସରକାର ଙ୍କ ନିୟମ କୁ ଉଲଂଘନ କରୁଥିବା ଦେଖିବାକୁ ମିଳିଛି । ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଥିବା ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି ତତ୍ ସହିତ ରାଜ୍ୟ ସରକାରଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି । ଏହିସବୁଘଟଣା କୁ ନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଭବିଷ୍ୟତ ରେ ବହୁ କିଛି ସମସ୍ୟା ରେ ସମ୍ମୁଖୀନ ହୋଇପାରନ୍ତି ନୂତନ ସରକାର ବୋଲି ସାଧାରଣରେ ଆଲୋଚନା ହେଉଛି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଯାଜପୁର ଜିଲ୍ଲା ର ସର୍ବାଙ୍ଗୀନ ଉନ୍ନତି ପାଇଁ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।



# ଫାଇନାଲରେ ବାଜି ମାରିଲା ଭୁର୍ଟିଗଡ ଏକାଦଶ



ନର୍ଲା,୨୩/୧ (ନି.ପ୍ର): ନର୍ଲା ବ୍ଲକ ଅଧିନସ୍ଥ ରୁପ୍ରାରୋଡ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କଳାପାହାଡ଼ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ବାଜି ମାରିଛି ଭୁର୍ଟିଗଡ ଏକାଦଶ । ମଙ୍ଗଳବାର ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଅନ୍ତିମ ଏବଂ ଫାଇନାଲ ମ୍ୟାଚରେ ବାଜି ମାରିଛି ଭୁର୍ଟିଗଡ ଦଳ । ଅନୁଷ୍ଠାନ ଉକ୍ତ ଫାଇନାଲ ମ୍ୟାଚ ଭୁର୍ଟିଗଡ଼ ଏବଂ ତୋଷ ଇଲେଭେନ ମଧ୍ୟରେ ଖେଳା ଯାଇଥିଲା । ଟସ ଜିତି ତୋଷ ଇଲେଭେନ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ତୋଷ ଇଲେଭେନ ନିର୍ଦ୍ଧାରିତ ୧୨ ଓଭର ରେ ୫ଟି ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା । ଜବାବରେ ଭୁର୍ଟିଗଡ଼ ଦଳ ୧୧ ଓଭରରେ ଏହି ବିଜୟ ଲକ୍ଷ ହାସଲ କରି ନେଇଥିଲେ । ଏଇଭଳି ଭାବେ ଏକ ଓଭର ବାକି ଥାଇ ଭୁର୍ଟିଗଡ଼ ଦଳ ବିଜୟ ଲକ୍ଷକୁ ହାସିଲ କରି ନେଇଥିଲା ଏବଂ କଳାପାହାଡ଼ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଟ୍ରୋଫି ନିଜ ନାଁ ରେ କରି ନେଇଥିଲା । ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥିଭାବେ ଭାବେ ଏହି ଫାଇନାଲ ଖେଳରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଫାଇନାଲର ବିଜେତା ଦଳ ରନର୍ସ ଅପ ଦଳର ଅଧିନାୟକ ମାନଙ୍କୁ ଟ୍ରୋଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଏବଂ ଆଇନ ଯିବି ସୁବାଷ ଚନ୍ଦ୍ର ଅଗ୍ରୱାଲ ତଥା ସମାଜସେବୀ ସମୀର କୁମାର ଚାନ୍ଦ ମଞ୍ଚରେ ଉପସ୍ଥିତ ରହିଥିଲେ । ବିଜେତା ଦଳକୁ ଟ୍ରଫି ସହ ନଗଦ ୨୫,୦୦୦/- ଟଙ୍କା ଦିଆ ଯାଇଥିଲା । ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୧୫,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ମଧ୍ୟ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ରୁପ୍ରାରୋଡ ସହର ତଥା ସହର ର ଆଖ ପାଖ ଅଞ୍ଚଳର ପ୍ରତେକ କୋଣ ଅନୁକୋଣରୁ ଦର୍ଶକ ମାନେ ଏହି ଫାଇନାଲ ପ୍ରତିଯୋଗିତା ଦେଖିବାକୁ ଉପସ୍ଥିତ ରହିଥିଲେ ।

# ପବିତ୍ର ମକର ସଂକ୍ରାନ୍ତି, ବାବା ବାଣେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼



ବଣାଇ,୨୩/୧ (ନି.ପ୍ର): ଆଜି ହେଉଛି ପବିତ୍ର ମକର ସଂକ୍ରାନ୍ତି, ଏହି ଅବସରରେ ୍ଣାଇଁ ଉପଖଣ୍ଡ ର ପୁରପଲ୍ଲୀ ଆଜି ଉତ୍ସବ ମୁଖର, ସବୁଆଡେ ବିଭିନ୍ନ ଢ଼ଙ୍ଗରେ ଉତ୍ସାହର ସହିତ ପାଳନ ହେଉଛି ଏହି ପର୍ବ । ବିଶେଷ ଭାବେ୍ଣାଇଁ ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ୍ୱା ବାଣେଶ୍ୱର ମନ୍ଦିର ରେ ଭୋର ସକାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।ଘଣ୍ଟ, ମୃଦଙ୍ଗ ର ତାଳେତାଳେ ବିଭିନ୍ନ ସଂକିର୍ତନ ଦଳର ଭକ୍ତ ମାନେ ମନ୍ଦିର ପ୍ରାଙ୍ଗଣରେ ନାଚ,ଗୀତରେ ମସଗୁଲ ଅଛନ୍ତି । ଭକ୍ତଙ୍କ ଭିଡ଼ କୁ ଦୃଷ୍ଟିରେ ରଖି ଦେବ ଦର୍ଶନ ନିମନ୍ତେ ମନ୍ଦିର ଗର୍ଭ ଗୃହ କୁ ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି । ମଣ୍ଡପ ସମ୍ମୁଖରୁ ଲାଇନରେ ଛିଡ଼ା ହୋଇ ଠାକୁରଙ୍କୁ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି । ମନ୍ଦିର ରେ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜି ଭୋରରୁ ପୂଜକ ମାନଙ୍କ ଦ୍ୱାରା ନିତିକାନ୍ତି ପରେ ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ କରିଥିଲେ ।ପରେ ସମସ୍ତ ଭକ୍ତଙ୍କ ନିମନ୍ତେ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଯଜ୍ଞ ମଣ୍ଡପ ସମ୍ମୁଖରେ ମକର ଭୋଗ ଚାଉଳ ବଣ୍ଟନ ବ୍ୟବସ୍ଥା କରିଥିଲେ ।

ସୁନ୍ଦରଗଡ଼ ଜିଲ୍ଲାର ଲୋକମାନେ ଏହାକୁ ଗଣପର୍ବ ଭାବେ ପାଳନ କରୁଥିବା ବେଳେ,ଲୋକେ ନୂଆ ପୋଷାକ ପିନ୍ଧିବା ସହିତ ଘରେ ଘରେ ପିଠାପଣା କରୁଛନ୍ତି । ସୂର୍ଯ୍ୟ ଗଣନା ଅନୁସାରେ ମକର ସଂକ୍ରାନ୍ତି କୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ, ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ, ଅନ୍ୟ ରାଶିକୁ ଚଳନ କରିବାର ଦିନ, ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ଏହି ମକର ସଂକ୍ରାନ୍ତି ର ପୂଣ୍ୟ କାଳରେ ସକାଳୁ ନଦୀ, ପୋଖରୀ ରେ ସ୍ନାନ କରି ସୂର୍ଯ୍ୟ କୁଂ ଦର୍ଶନ କଲେ ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ କରାଯାଏ । ତେଣୁ ଅ୍ୱାହମାନ କାଳରୁ ବିଭିନ୍ନ ପବିତ୍ର ସ୍ଥଳରେ ମକର ମେଳା ର ପରମ୍ପରା ଚାଲି ଆସିଛି । ବିଶେଷତଃ ୍ଣାଇଁ ଉପଖଣ୍ଡ ର ଲହୁଣୀପଡ଼ା, କୋଇଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା କୁଡୁମି ସମ୍ପ୍ରଦାୟର ଲୋକମାନେ ଏହି ପର୍ବ କୁ ଟୁସୁ ପର୍ବ ରୂପେ ପାଳନ କରିଥାନ୍ତି ।

# କୋଟପାଡ଼ ଠାରେ ପୁଷପୁନୀ ଭେଟଘାଟ ବହୁ ଆଡମ୍ବରରେ ପାଳିତ



କୋଟପାଡ଼,୨୩/୧ (ନି.ପ୍ର): କୋଟପାଡ଼ ବଡ଼ଦାଣ୍ଡ ଠାରେ ପ୍ରଥମଥର ପାଇଁ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ବିଶେଷକରି ପ୍ରଥମଥର ପାଇଁ କୋଟପାଡ଼ ଅଞ୍ଚଳରେ ଲୁପ୍ତକଳାକୁ ପୁନଃଜୀବିତ କରିବା ଏହା ଏକ ଅଦ୍ଭୁତ ପ୍ରୟାସ କରାଯାଇଥିଲା । ଏହି ପୁଷପୁନୀ ଉତ୍ସବ ପାଳନରେ ପ୍ରାୟ ୧୦୦ରୁ ଉର୍ଦ୍ଧ କଳାକାର ମାନେ ନିଜ ନିଜର ଲୋକାଇତ କଳା ଗୁଡିକ କୋଟପାଡ଼ ସହରଭ୍ରମଣ ସହିତ ଉପସ୍ଥିତ ଅତିଥି ମାନଙ୍କ ସମ୍ମୁଖରେ ପରିବେଷଣ ଓ ଉପସ୍ଥାପନା କରିଥିଲେ । ଉପସ୍ଥିତ ଅତିଥି ମାନେ ସମସ୍ତ କଳାକାର ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ବିଶେଷ କରି ଛୋଟ ଛୋଟ କୁନି କଳାକାର ଏବଂ ବୁଦ୍ଧି ଯିବି କଳାକାର ମାନେ ବହୁସୁନ୍ଦର ପ୍ରଦର୍ଶନ କରିଥିଲେ,ଏହି ପୁଷପୁନି କାର୍ଯ୍ୟକ୍ରମରେ ସମସ୍ତ କଳାକାର ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରକାଶ ମହାନ୍ତି,ଗଣେଶ ପଣ୍ଡା, ସୁଧୀର ମହାନ୍ତି,କିଶୋର ମିଶ୍ର, ମଣି ପଟ୍ଟନାୟକ, ହେମନ୍ତ ପାତ୍ର, କୁଞ୍ଜ ବିହାରୀ ବୈଦ୍ୟ,ବୁଲୁ ବକ୍ସି,ସରୋଜ ପଟ୍ଟନାୟକ,ଜୟନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ,ଆଜିର ଏହି କାର୍ଯ୍ୟକ୍ରମର ମଞ୍ଚ ଜୟନ୍ତ ପଟ୍ଟନାୟକ,ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ । ବିଶେଷକରି ଏହି ବର୍ଷ କୋଟପାଡ଼ର ୫ଗୋଟି କଳାକାର ପରିବାରଙ୍କୁ ମଞ୍ଚ ଉପରେ ମାନପତ୍ର ସହିତ ପୁଷ୍ପମାଲ୍ୟ ଦେଇ ସନ୍ମାନିତ କରାଯାଇଥିଲା ।

# କଳାହାଣ୍ଡି ଉତ୍ସବ ଅବସରରେ ଦ୍ରୁତ ସାଇକେଲ ଚାଳନା ପ୍ରତଯୋଗୀତା



ଧର୍ମଗଡ:୨୩/୧ (ନି.ପ୍ର): କଳାହାଣ୍ଡି ଉତ୍ସବ ଅବସର ରେ ପୁରୁଷ ଓ ମହିଳା ମାନଙ୍କ ଦୃତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଧର୍ମଗଡ ବ୍ଲକ ବେହେରା ପଡିଆ ରୁ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡିଆ ପର୍ଯ୍ୟନ୍ତ ଦୀର୍ଘ ୨୦ କିମି ରାସ୍ତା ଉପରେ ପୁରୁଷ ମାନଙ୍କ ଦୃତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ଉତ୍ସବ କମିଟି ଅଧକ୍ଷ ତଥା ଧର୍ମଗଡ ଉପ ଜିଲ୍ଲାପାଳ ଧିମାନ ଚକମା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରି ଥିଲେ । ସମ୍ମାନିତ ଅତିଥି ଭାବେ, ଡ. ମୋନିକା ପରଶିରା, ଅର୍ଥ କମିଟି ଉପାଧକ୍ଷ ଇଙ୍ଗିତ ପଣ୍ଡା, କ୍ରୀଡା କମିଟି ଅଧକ୍ଷ ସନ୍ତୋଷ ପାଣିଗ୍ରାହୀ,ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ମହାବିଦ୍ୟାଳୟ ଅଧକ୍ଷ ନିର୍ମଳ ନାଏକ, ତେଣ୍ଡା ପାଲି ସରପଞ୍ଚ ଗୌଲୋଚନ ଗୋପାଲ, ପୂର୍ବତନ ଜିଲ୍ଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠୀଆ, ପାର୍ଲା ସରପଞ୍ଚ ବ୍ରିଜ ଲାଲ ନାଏକ, କ୍ଷିରୋଦ ବାଗ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ପୁରୁଷ ସାଇକେଲ ଚାଳନା ପ୍ରତିଯୋଗିତା ରେ ଜୁନାଗଡ ବ୍ଲକ ଖଲିଆ ପାଲି ଗ୍ରାମ ର କୃପାସିନ୍ଧୁ ଖରସେଲ ,ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମିର୍ଜା ପୁର ଗ୍ରାମ ର କବିଧାନନ୍ଦ ସୁନାନୀ ଓ ରମେଶ ନାଗ ଯଥା କ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଥିଲେ । ସେହି ପରି ମହିଳା ମାନଙ୍କ ର ଦୃତ ସାଇକେଲ ଚାଳନା ପ୍ରତିଯୋଗିତା ପର୍ଲା ହଇସ୍କୁଲ ପଡ଼ିଆ ଠାରୁ ଉତ୍ସବ ପଡିଆ ପର୍ଯ୍ୟନ୍ତ ୧୨ କିମି ରାସ୍ତା ଉପରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ପର୍ଲା ହାଇସ୍କୁଲ ର ଛାତ୍ରୀ ସଂଯୁକ୍ତା ଗୋପାଲ ପ୍ରଥମ, ବୃନ୍ଦାବତୀ ଗୋପାଲ ଦ୍ୱିତୀୟ ଓ ବଡ଼ ବସୁଲ ର ଯୁଗମଣି ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ । କ୍ରୀଡା କମିଟି ର ଅଭୟ ବାଗ, ଶ୍ରବଣ କୁମାର ଜାଲ, ସନ୍ତୋଷ କୁମାର ନାୟକ, ଅମିତ୍ ମୁଣ୍ଡ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ରେ ସହାୟତା କରି ଥିଲେ ।

# କଳିଙ୍ଗନଗରରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କାହା ସ୍ୱାର୍ଥରେ !




କଳିଙ୍ଗନଗର ୨୩/୧ (ନି.ପ୍ର): ଯାଜପୁର ଜିଲ୍ଲା ଅନ୍ତର୍ଗତ ଦାନଗଦୀ ବ୍ଲକର କଚେରୀଗାଁ ନାଳ ଓ ଗଣ୍ଡାନାଳ କୂଳରେ ଥିବା ଗାଁ ଗୁଡିକର ଦୁଃଖ ବଢ଼ାଉଛି ଉଭୟ ନାଳ ର ବିଷାକ୍ତ ଜଳ, ଜଳ ଏଠି ଜହର ଜୀବନ ବଞ୍ଚିବା ପାଇଁ ଜଳର ଆବଶ୍ୟକ ମାତ୍ର କଳିଙ୍ଗନଗର ରେ ଥିବା କାରଖାନା ଗୁଡିକ ଶିଳ୍ପ ବିକାଶର ଆଢୁଆଳରେ ସ୍ଥାନୀୟ ଲୋକ ଙ୍କ ଜୀବନ ସହିତ ଖେଳ ଖେଳୁଥିବାର ସାଧାରଣ ରେ ଚର୍ଚ୍ଚା ହେଉଛି । ଠିକ୍ ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ଥିବା ଗାଁ ଗୁଡ଼ିକର ଅବସ୍ଥା ସୋଚନିୟ କାରଖାନା ରୁ ନିର୍ଗତ ବିଷାକ୍ତ ଧୂଆଁ ରେ ଏକାଧିକ ମାରାତ୍ମକ ରୋଗରେ ବହୁ ଜୀବନ ଯାଉଥିବା ର ନଜିର ଅଛି । କଳିଙ୍ଗନଗରେ ଥ ?ିବା ପ୍ରଦୂଷଣ ବିଭାଗ କିନ୍ତୁ ଅଚିନ୍ତା ନିଦ୍ରା ରେ ଶୋଇଥିବା ବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳ ର ଛାତିଥରା କରୁଣ ଦୃଶ୍ୟକୁ ଯିଏ ଦେଖ ?ିବ ସିଏ ହିଁ ଜାଣିପାରିବ, ପାଣି ପାଇଁ ସ୍ଥାନୀୟ ଅଞ୍ଚଳ ରେ ହା ହା କାର ବିଶାକ୍ତ କେମିକାଲ ମିଶା କଚେରୀ ଗାଁ ନାଳ ଓ ଗଣ୍ଡାନାଳ ପାଣି ଦ୍ୱାରା ଚାଷୀକୂଳ ମୁଣ୍ଡରେ ହାତଦେଇ ନିନ୍ଦୁଛି ନିଜ ଭାଗ୍ୟ କୁ କଳିଙ୍ଗନଗରେ ଗଢି ଉଠିଥିବାଜେଏସଡବ୍ଲ୍ୟୁ,ମଇଥାନ, ଦିନବନ୍ଧୁ, ରୋହିତ ଓ ନିୟୁଭିଷ୍ଟା ସହିତ,କଳିଙ୍ଗନଗର ରେ ଥିବା ଆହୁରି ଏକାଧିକ କାରଖାନା ନାମ ସଂପୃକ୍ତି ଅଛି । ଯାହା କି ଗତ କିଛି ଦିନ ତଳେ ପ୍ରଦୂଷଣ ବିଭାଗ ସମସ୍ତ କାରଖାନା କୁ ନୋଟିସ କରିଥିବା ଦେଖିବାକୁ ମିଳି ଥିଲା ।ଗତ ୨୦୨୩ ମସିହାରେ ରେଅକ୍ଟୋବର ଆସିଥିବା ବିଧାନସଭା ପ୍ରଦୂଷଣ କମିଟି ତଥା ବର୍ତ୍ତମାନ ର ରାଜ୍ୟ ମୁଖିଆ କାରଖାନା ମାନଙ୍କ ମନମାନି କୁ ନେଇ ଉଦବେଗ ପ୍ରକାଶ କରି ନିଜର ପ୍ରତିକ୍ରିୟାରେ କହିଥିଲେ କି କଳିଙ୍ଗନଗର ରେ ଥିବା ସମସ୍ତ କାରଖାନା ଅଳ୍ପ ବହୁତ ପ୍ରଦୂଷଣ କରୁଥିବା କଥା କିନ୍ତୁ ଯାଜପୁର ରେ ଥିବା ପ୍ରଦୂଷଣ ବିଭାଗ ର ଅଫିସ ଯାହା କି ଯାଜପୁର ରୋଡ଼ ରେଅବସ୍ଥିତ ରାଜ୍ୟ ପ୍ରଦୂଷଣ ବୋର୍ଡ ର ଆଞ୍ଚଳିକ କାର୍ଯ୍ୟାଳୟ ର ପଦକ୍ଷେପ କଣ ବୋଲି ସାଧାରଣ ରେ ଆଲୋଚନା ର ବିଷୟ ପାଲଟିଛି । ଗତ ୨୩ ମସିହାରେ ଅକ୍ଟୋବର ମାସ ୧୪ ତାରିଖ ରେ ନିଧିଷ୍ଟ କାରଖାନା ର ନିର୍ଗତ ଜଳ କୁ ସଂଗ୍ରହ କରିନେବା ପରେ ପ୍ରଦୂଷଣ ବିଭାଗ ର କାର୍ଯ୍ୟ ସରିଯିବା ପରି ଲାଗୁଛି । ଆଞ୍ଚଳିକ ପ୍ରଦୂଷଣ ବିଭାଗ ପକ୍ଷରୁ ସଦାସର୍ବଦା ସ୍ଥାନୀୟ ଲୋକ ମାନେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଠିକ୍ ବୋଲି କହୁଥିବା ବେଳେ କଣ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି । କଳିଙ୍ଗନଗର ବକ୍ଷ ଦେଶରେ ଥ ?ିବା ଉଭୟ ନାଳ ପ୍ରାକୃତିକ ନାଳ ହୋଇଥିବା ବେଳେ ଉଭୟ ନାଳ ର ଅବସ୍ଥା ଏବେ ଶୋଚନୀୟ, ଏହି ଦୁଇ ନାଳ ଉପରେ ନିର୍ଭର କରନ୍ତି କଳିଙ୍ଗନଗର ୯୦ ଭାଗ ଲୋକ , ଏହି ବଡ଼ ସମସ୍ୟାକୁ ଜାଣି ଶୁଣି ଆସୁ ବୁଜି ଦେଉଛନ୍ତି ଶିଳ୍ପ ଅଧିକାରୀ ଓ ପ୍ରଦୂଷଣ ବିଭାଗ ।ଗ୍ରୀଷ୍ମ ଆରମ୍ଭରୁ ଶିଳ ସୋଶୁଛି ଭୂତଳ ଜଳ, କୂଅ,ପୋଖରୀ ଶୁଖୁଲା ପଡିଯିବା ଫଳରେ ପାଣି ପାଇଁ ବହୁତ କଷ୍ଟ ପାଉଛନ୍ତି ସ୍ଥାନୀୟ ଲୋକ, କଚେରୀ ଗାଁ ନାଳକୂଳରେ କେମିକାଲ ବର୍ଯ୍ୟଜଳ ମିଶୁଥିବାରୁ ଏହା ବିଷାକ୍ତ ହୋଇ ନାନାଦି ପ୍ରକାର ରୋଗ ହୋଇଥିବା ବେଳେ ମନରେ ପ୍ରଶ୍ନ ଉଠୁଛି ଏ ଶିଳ୍ପ ବିକାଶରେ ଆଢୁଆଳରେ ଲୁଟି ଯାଉଥବା ସ୍ଥାନୀୟ ଅଞ୍ଚଳରେ ଦୁଃଖ ଦୂରହେବ କେବେ ଶିଳ୍ପ ତିଆରି କରିବା ଅର୍ଥ ବିକାଶ ମାତ୍ର ଏଠି ବିକାଶ କାହାର ହେଉଛି । ଶିଳ୍ପପତି ମାନଙ୍କର ନା ସାଧାରଣ ଜନତାଙ୍କର ଏହି ସବୁ ପ୍ରଶ୍ନ ପଚାରିବା ଆରମ୍ଭ କଲେଣି ସ୍ଥାନୀୟ ଜନସାଧାରଣ ।

# ଟୁଷୁରା ଜଗନ୍ନାଥ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ପୂଜା



ଟୁଷୁରା, ୨୩/୧ (ନି.ପ୍ର): ମଙ୍ଗଳବାର ଦିନ ପବିତ୍ର ମକର ସଂକ୍ରାନ୍ତି ପାଇଁ ବଲାଙ୍ଗୀର ଜିଲ୍ଲା ର ସମସ୍ତ ମନ୍ଦିର ମାନଙ୍କରେ ଭକ୍ତ ଙ୍କ ପ୍ରବଳ ଭିଡ ଲାଗିରହିଥିଲା । ସେହିପରି ଟୁଷୁରା ଅଞ୍ଚଳରେ ମଧ୍ୟ ପବିତ୍ର ମକର ସଂକ୍ରାନ୍ତି ପାଇଁ ସମସ୍ତ ମନ୍ଦିର ମାନଙ୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଏବଂ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ଶତାଧିକ ଭକ୍ତ ମାନେ ଉପସ୍ଥିତ ରହି ହୋମ ଯଜ୍ଞ ସହିତ ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଥିଲା ।ଏବଂ ୧୦୮ ଥର ହନୁମାନ ଚାଳିଶା ମନ୍ତ୍ର ପାଠ କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ଖଗେଶ୍ୱର ସା ଏବଂ ତାଙ୍କ ଧର୍ମପତ୍ନୀ ମିନାକ୍ଷୀ ସା ପୂଜାରେ ବସିଥିଲେ ଏବଂ ପୂଜକ ଭାବେ ଜଗଦୀଶ ପାଣ୍ଡିଆ ଦାୟିତ୍ୱ ଭାର ତୁଲାଇଥିଲେ ।ପରେ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ର ବ୍ୟବସ୍ଥା କରାଯାଇଥିଲା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ